



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-82 ♦TUESDAY ♦15 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୮୨ ♦ମଙ୍ଗଳବାର ♦୧୫ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ରିପୋର୍ଟ

# ଜାତୀୟ ହାରଠୁ ଓଡ଼ିଶାରେ ଦରବୃଦ୍ଧି ଅଧିକ

## ଦେଶର ୫ ମହଙ୍ଗା ରାଜ୍ୟ ମଧ୍ୟରେ ଓଡ଼ିଶା

■ ଭୁବନେଶ୍ୱର, ୧୪ା୯ (ସମିସ): ପୁଣି ଖାଉଟିଙ୍କ ଉପରେ ପଡ଼ିଛି ମହଙ୍ଗା ପାହାର। ଅଗଷ୍ଟ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି ଓ ଏହାର ପ୍ରଭାବ ମୂଲ୍ୟବୃଦ୍ଧି ଉପରେ ପଡ଼ିଛି। ଜୁଲାଇରେ ମୁଦ୍ରାସ୍ଫୀତି ୪.୪୫% ଥିବାବେଳେ ଅଗଷ୍ଟରେ ଏହା ୪.୮୨%ରେ ପହଞ୍ଚିଛି । ତେବେ ବିଡ଼ମ୍ବନା ହେଉଛି ଦେଶର ହାରାହାରି ଅନୁପାତ ତୁଳନାରେ ଓଡ଼ିଶାରେ ମୁଦ୍ରାସ୍ଫୀତି ଯଥେଷ୍ଟ ଅଧିକ ରହିଛି। ସାରା ଦେଶରେ ଓଡ଼ିଶା ଶୀର୍ଷ ୫ ମହଙ୍ଗା ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ୫୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ଅଗଷ୍ଟରେ ସର୍ବାଧିକ ୬.୨୭ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି। ଏହା ପରେ ତାମିଲନାଡୁରେ ୫.୯୨ ପ୍ରତିଶତ, ମଧ୍ୟପ୍ରଦେଶରେ ୫.୫୫ ପ୍ରତିଶତ, ଆନ୍ଧ୍ରପ୍ରଦେଶରେ ୫.୫୩ ପ୍ରତିଶତ ଏବଂ ଓଡ଼ିଶାରେ ୫.୫୨ ପ୍ରତିଶତ ମୁଦ୍ରାସ୍ଫୀତି ରେକର୍ଡ ହୋଇଛି।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ (ଏମ୍‌ଓଏସ୍‌ପିଆଇ) ପ୍ରକାଶିତ ତଥ୍ୟ ଅନୁସାରେ ଅଗଷ୍ଟରେ ଦେଶର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ ସ୍ଥାନରେ ମୁଦ୍ରାସ୍ଫୀତି ବଢ଼ିଛି। ଗ୍ରାମାଞ୍ଚଳରେ ଜୁଲାଇର ୪.୮୪ ପ୍ରତିଶତରୁ ବୃଦ୍ଧି ପାଇ ଅଗଷ୍ଟରେ ୫.୨୩ ପ୍ରତିଶତ ହୋଇଛି। ସହରାଞ୍ଚଳରେ ମଧ ଏହା ୩.୯୬ ପ୍ରତିଶତରୁ ବଢ଼ି ▶ପୃଷ୍ଠା-୭

### ପାଇକାରୀ ମୁଦ୍ରାସ୍ଫୀତି ୯.୯୨ %

■ ନୂଆଦିଲ୍ଲୀ: ଅଗଷ୍ଟ ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧିପାଇ ୯.୯୨ ପ୍ରତିଶତରେ ପହଞ୍ଚିଛି। ସୋମବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରେ ଏହା ଉଲ୍ଲେଖ କରାଯାଇଛି। ୨୦୨୨-୨୩ ଆଧାର ବର୍ଷ ଅନୁଯାୟୀ ଏହା ଦ୍ୱିତୀୟ ସର୍ବୋଚ୍ଚ ମୁଦ୍ରାସ୍ଫୀତି ବୋଲି କୁହାଯାଇଛି। ବିଶେଷକରି ଇନ୍ଧନ ଓ ବିଦ୍ୟୁତ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ମାସକ ମଧ୍ୟରେ ପାଖାପାଖି ୩% ବୃଦ୍ଧି ପାଇ ୨୨.୯୩ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ସୂଚକାଙ୍କ ଭିତ୍ତିକ ମହଙ୍ଗାଇ ଅଗଷ୍ଟରେ ୭.୦୫ ପ୍ରତିଶତରେ ପହଞ୍ଚିଛି। ଜୁଲାଇରେ ଏହା ୬.୬୫ ପ୍ରତିଶତ ଥିଲା। ଖାଦ୍ୟ ସାମଗ୍ରୀ, ଖାଦ୍ୟ ଉତ୍ପାଦ ନିର୍ମାଣ, ଖଣିଜ ତେଲ, ମୌଳିକ ଧାତୁ, ଅଣଖାଦ୍ୟ ସାମଗ୍ରୀ ଏବଂ ରାସାୟନିକ ଉତ୍ପାଦର ମୂଲ୍ୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା କୁହାଯାଇଛି ।

# ପୌର ନିର୍ବାଚନ ପାଇଁ ପାଗ ଭିଡ଼ା

## ୱାର୍ଡ ପୁନର୍ଗଠନ ପାଇଁ ୧୯ରେ ପ୍ରକାଶ ପାଇବ ଚିଠା ବିଜ୍ଞପ୍ତି

- ୨୮ ଯାଏଁ ୯ ୯ ପୌର ସଂସ୍ଥାରେ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ
- ୧୫ ଅକ୍ଟୋବର ସୁଦ୍ଧା ଆବେଦନ, ୩୧ରେ ଚୂଡ଼ାନ୍ତ ବିଜ୍ଞପ୍ତି

■ ଭୁବନେଶ୍ୱର,୧୪ା୯ (ସମିସ): ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସହ ପୌର ନିର୍ବାଚନ ୨୦୨୭ରେ ହେବ। ପୌର ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ୨୦୨୭ ଏପ୍ରିଲ୍ ୬ରେ ଶେଷ ହେବ। ଏହା ପୂର୍ବରୁ ରାଜ୍ୟ ନିର୍ବାଚନ କମିସନ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଗ ଭିଡ଼ିଛି। ଏହି କ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ (ବୌଦ୍ଧ ଜିଲ୍ଲା ବ୍ୟତୀତ) ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଚିଠି ଲେଖି ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ କହିଛନ୍ତି।

ବିଭାଗର ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ୯ ୯ଟି ପୌର ସଂସ୍ଥାରେ ସେପ୍ଟେମ୍ବର ୧୯ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଉପରେ ସେପ୍ଟେମ୍ବର ୨୮ ଯାଏଁ ଲୋକଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ। ଏହାପରେ ଅକ୍ଟୋବର ୧ ରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣର ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଅପିଲ କରିବା ପାଇଁ ଅକ୍ଟୋବର ୧୫ ଶେଷ ତାରିଖ ରଖାଯାଇଛି। ଜିଲ୍ଲାପାଳମାନେ ଗ୍ରହଣ କରିଥିବା ଅପିଲଗୁଡ଼ିକୁ ନିଜସ୍ୱ ମତାମତ ସହ ସ୍ୱତନ୍ତ୍ର ଭାବେ ଅକ୍ଟୋବର ୧୬ ସୁଦ୍ଧା ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ସରକାରୀ ସୂଚୀ ଅନୁଯାୟୀ ଅକ୍ଟୋବର ୨୩ରୁ ୨୮ ମଧ୍ୟରେ ଅପିଲର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଜାରି ରହିବ। ଏହାପରେ ଆବଶ୍ୟକ ପରିବର୍ତ୍ତନ କରି ଅକ୍ଟୋବର ୩୧ରେ ▶ପୃଷ୍ଠା-୭

### ଆଶାରେ ରହିଗଲା ନୂଆଁଖାଇ

## ଘରକୁ ଫେରିବା ବେଳେ ଟ୍ରକ୍ ଧକ୍କାରେ ମା'-ପୁଅ ମୃତ

■ସମ୍ବଲପୁର,୧୪ା୯ (ସମିସ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଠେଲକୋଲୋଇ ଥାନା ଅଧୀନ ଖିଣ୍ଡା ସିଟିଆର୍ ଛକରେ ସଡ଼କ ଦୁର୍ଘଟଣାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଘରକୁ ଫେରୁଥିବାବେଳେ ବାଇକ୍‌କୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ମୃତକ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ▶ପୃଷ୍ଠା-୭

### ଭୟାବହ ଅଗ୍ନିକାଣ୍ଡ

## ଜଳିଗଲା ପେଣ୍ଡାଲ ସହ ଗଣେଶ ମୂର୍ତ୍ତି

■ସମ୍ବଲପୁର,୧୪ା୯ (ସମିସ): ହୁହୁ ହୋଇ ଜଳିଗଲା ପେଣ୍ଡାଲ। ପେଣ୍ଡାଲ ସହ ଗଣପତି ବାବାଙ୍କ ମୂର୍ତ୍ତି ମଧ ସମ୍ପୂର୍ଣ୍ଣ ଜଳିଯାଇଛି। ଏପରି ଅଘଟଣ ସମ୍ବଲପୁର ଫାଟକ ଅଞ୍ଚଳରେ ଘଟିଯାଇଛି। ସୂଚନା ଅନୁସାରେ ଫାଟକରେ ଗଣେଜ ପୂଜା ଆୟୋଜିତ ହୋଇଥିଲା। ହେଲେ ଆଜି ସନ୍ଧ୍ୟାରେ ସଟ୍‌ସର୍କିଟ ଯୋଗୁଁ ପେଣ୍ଡାଲରେ ▶ପୃଷ୍ଠା-୭



## ଘରେ ବାପା ଦଗ୍ଧ; ବର୍ତ୍ତିଗଲେ ପୁଅ

■ରାଉରକେଲା,୧୩ା୯ (ସମିସ): ଘରେ ଶୋଇଥିବାବେଳେ ନିଆଁ ଲାଗି ବାପା ଜଳି ଯାଇଥିବାବେଳେ ପୁଅ ଅନ୍ୟଏକ ଘରେ ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ରାଉରକେଲାର ରେଲୱେ କଲୋନୀ ମଧୁସୂଦନପାଲିରେ। ମୃତକ ହେଲେ ଜିତେନ୍ଦ୍ର ସାହା (୫୮)। ଗତକାଲି ବିଳମ୍ବିତ ରାତିରେ ଖାଇପିଇ ▶ପୃଷ୍ଠା-୭






ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

15001/97/2627

ସତ୍यमेव जयते



ନୂଆଁଖାଇ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ନୂଆଁଖାଇ ତିହାର୍ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


OIPR-15001/15001/2/26-27/0097






# ଆତ୍ମସମର୍ପଣ ପରେ ଜେଲ୍ ଗଲେ ତେଜ୍‌ପାଲ୍

ନୂଆଦିଲ୍ଲୀ/ପଣଜୀ, ୧୪।୯(ଏଜେନ୍ସି): ୨୦୧୩ ମସିହାର ବଳାତ୍କାର ମାମଲାରେ ୧୦ ବର୍ଷର ଜେଲ୍ ଦଣ୍ଡ ପାଇଥିବା 'ତେହେଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ସୋମବାର ଗୋଆ ପୁଲିସ ନିକଟରେ



ଆତ୍ମସମର୍ପଣ କରିଛନ୍ତି। ପରେ ତାଙ୍କୁ ଉତ୍ତର ଗୋଆର କୋଲଭାଲେ କେନ୍ଦ୍ରୀୟ କାରାଗାରକୁ ପଠାଯାଇଛି। ବମ୍ବେ ହାଇକୋର୍ଟର ଗୋଆ ଖଣ୍ଡପୀଠ ଅଗଷ୍ଟ ୬ରେ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କଠୋର କାରାଦଣ୍ଡ ଦେଇଥିଲେ। ଏହା ପୂର୍ବରୁ ୨୦୨୧ରେ ଗୋଆର ଏକ ସେସନ୍ସ କୋର୍ଟ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ। ଅଗଷ୍ଟ ୨୫ରେ ସୁପ୍ରିମକୋର୍ଟ ତେଜପାଲଙ୍କୁ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ ପରେ ତାଙ୍କ ଦଣ୍ଡ ବିରୋଧୀ ଆବେଦନର ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୨ରେ ଏହି ଆବେଦନର ଶୁଣାଣି ହେବାକୁ ତାଲିକାଭୁକ୍ତ ହୋଇଛି। କୋର୍ଟରୁ ବାହାରିବା ସମୟରେ ତେଜପାଲ କହିଛନ୍ତି ଯେ ସେ ସୁପ୍ରିମକୋର୍ଟରେ ଆଇନଗତ ଲଢେଇ ଜାରି ରଖିବେ ଏବଂ ସେଠାରୁ ନ୍ୟାୟ ମିଳିବ ବୋଲି ତାଙ୍କର ଆଶା ରହିଛି। ଏହି ମାମଲା ୨୦୧୩ ନଭେମ୍ବରର। 'ତେହେଲକା'ର ଜଣେ ପୂର୍ବତନ ମହିଳା କର୍ମଚାରୀ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ତେଜପାଲ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ମାମଲାରେ ତେଜପାଲଙ୍କୁ ୨୦୧୩ ନଭେମ୍ବର ୩୦ରେ ଗିରଫ କରାଯାଇଥିଲା।

# ପାକିସ୍ତାନର ନାଟକବାଜି

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଜୈଶ-ଏ-ମହମ୍ମଦ ମୁଖ୍ୟ ମସୁଦ ଅଜହରଙ୍କ ସମ୍ପର୍କରେ ସୂଚନା ଦେଲେ ମିଳିବାକୁ ଥିବା ପୁରସ୍କାର ରାଶିକୁ ୫୦ ଲକ୍ଷ ପାକିସ୍ତାନୀ ଟଙ୍କାରୁ ବଢ଼ାଇ ୭୦ ଲକ୍ଷ ଟଙ୍କା କରିଛି ପାକିସ୍ତାନର ଫେଡେରାଲ୍ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି (ଏଫ୍ଆଇଏ)। ଅକ୍ଟୋବରରେ ହେବାକୁ ଥିବା ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କ ଫୋର୍ସ

## ମସୁଦକୁ ଗିରଫ ପାଇଁ ପୁରସ୍କାର ରାଶି ବଢ଼ାଇଲା



(ଏଫ୍ଏଟିଏଫ୍)ର ପୂର୍ଣ୍ଣାଙ୍ଗ ବୈଠକ ପୂର୍ବରୁ ଏହି ପଦକ୍ଷେପକୁ ନେଇ ପ୍ରଶ୍ନ ଉଠିଛି। ଅଜହରଙ୍କ ନାମକୁ ଏଫ୍ଆଇଏର ୨୦୨୬ 'ରେଡ୍ ବୁକ୍'ରେ ସାମିଲ କରାଯାଇଛି। ପାକିସ୍ତାନର ଦାବି ଅନୁସାରେ, ଅଜହର ଆଉ ଦେଶରେ ନାହାନ୍ତି ଏବଂ ଆଫଗାନିସ୍ତାନରେ ଲୁଚିଛନ୍ତି। ତେବେ ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ, ସେ ସିନ୍ଧର ନୱାବଶାହରେ ଥିବା ସମ୍ଭାବନା ରହିଛି। ସୂତ୍ରଙ୍କ ମତରେ, ଆତଙ୍କବାଦୀ ନେଟୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖାଇ ଏଫ୍ଏଟିଏଫ୍‌ର ନଜରରୁ ବଞ୍ଚିବା ପାଇଁ ପାକିସ୍ତାନ ଏଭଳି ପଦକ୍ଷେପ ନେଇଥାଇପାରେ। ଭାରତରେ ୨୦୧୯ ପୁଲୱାମା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ ଘଟଣାରେ ଅଜହର ଅଭିଯୁକ୍ତ ଅଛନ୍ତି। ଏହାଛଡ଼ା, ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ଜଡ଼ିତ ୧୯ ଜଣଙ୍କ ନାମ ମଧ୍ୟ ଏଫ୍ଆଇଏର ନୂଆ ରେଡ୍ ବୁକ୍‌ରେ ରହିଛି। ରେଡ୍ ବୁକ୍‌ରେ ଥିବା ଆତଙ୍କବାଦୀଙ୍କ ସଂଖ୍ୟା ୨୦୨୧ର ୧, ୩୩୦ରୁ ବଢ଼ି ଏବେ ୧, ୮୦୪ରେ ପହଞ୍ଚିଛି।

# ଦିଲ୍ଲୀରେ ଜିମ୍ ଟ୍ରେନର୍‌ଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ଫତେହପୁର ବେରୀ ଅଞ୍ଚଳରେ ସୋମବାର ସକାଳେ ଜଣେ ୨୮ ବର୍ଷୀୟ ଜିମ୍ ଟ୍ରେନରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆୟାନଗର ଗାଁରେ ଘଟିଥିବା ଏହି ଘଟଣାରେ ପ୍ରାୟ ୧୫ ରାଉଣ୍ଡ ଗୁଳି ଫୁଟିଥିବା ପୁଲିସ କହିଛି। ମୃତକଙ୍କୁ ବିଜୟ ଭାବେ ଚିହ୍ନଟ କରାଯାଇଛି। ସୋମବାର ସକାଳ ପ୍ରାୟ



୧୦ଟାରେ ବାଇକ୍‌ରେ ଆସିଥିବା ୨ ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାପରେ ଉଭୟେ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିଚାଳନା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ଭାବେ ବ୍ୟକ୍ତିଗତ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଆକ୍ରମଣକାରୀଙ୍କ ପରିଚୟ ଓ ଗୁଳିକାଣ୍ଡର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତ ଚଳାଇଛି। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଉଛି। ସୂଚନା ଅନୁସାରେ, କିଛି ମାସ ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଗୁଳିଚାଳନା ଘଟିଥିଲା। ଏହି ଘଟଣା ପରେ ଆୟାନଗରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି ଏବଂ ଆଇନଶୃଙ୍ଖଳା ବଜାୟ ରଖିବାକୁ ସୁରକ୍ଷାକର୍ମୀ ମୁତୟନ କରାଯାଇଛି।

# ଟିଏମ୍‌ସି ବିଦ୍ରୋହୀ ଗୋଷ୍ଠୀ ଛଟପଟ

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରିଥିବା ୨୦ ଜଣ ଲୋକସଭା ସାଂସଦଙ୍କୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ବି ତୁଟିନାହିଁ। ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ସେମାନଙ୍କର ମିଶ୍ରଣକୁ ବାଚସ୍ପତି ଏପର୍ଯ୍ୟନ୍ତ ସ୍ୱୀକୃତି ଦେଇ ନାହାନ୍ତି। ପୁଣି ସେମାନଙ୍କୁ ଅଯୋଗ୍ୟ

- ଦୁର୍ଗାପୂଜା ପୂର୍ବରୁ ବିଜେପିରେ ଯୋଗ ଦେବେ ୧୭ ସାଂସଦ!
- ବର୍ମାଙ୍କ ଦାବିକୁ ବିରୋଧ କଲେ ଅନ୍ୟ ବିଦ୍ରୋହୀ
- ଏମିତି କିଛି ନିଷ୍ପତ୍ତି ହୋଇନାହିଁ



ଘୋଷଣା କରିବା ଲାଗି ପିଟିସନ ସୁପ୍ରିମ କୋର୍ଟରେ ରହିଛି। ଏହି ଝାମେଲା ତୁଟିନଥିବା ବେଳେ ଏହି ଗୋଷ୍ଠୀର ଜଣେ ସାଂସଦ ଆଜି ଘୋଷଣା କରିଛନ୍ତି ଯେ ଦୁର୍ଗାପୂଜା ପୂର୍ବରୁ ୨୦ ଜଣଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗଦେବେ। କୁଚବିହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ ଆଜି ଏଭଳି ବୟାନ ଦେବା ପରେ ବିଦ୍ରୋହୀ ଗୋଷ୍ଠୀର ଅନ୍ୟ ସାଂସଦ ଏହାକୁ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି ଯେ ବିଜେପିରେ ଯୋଗଦେବା ଲାଗି ସେମାନେ ମିଳିତ ନିଷ୍ପତ୍ତି ନେଇ ନାହାନ୍ତି। ପଶ୍ଚିମ ବଙ୍ଗ ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ମଧ୍ୟ ଏଭଳି ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଟିଏମସି ବିଦ୍ରୋହୀଙ୍କୁ ନେବାଲାଗି ଏବେ କୌଣସି ଯୋଜନା ନାହିଁ।

ଅକ୍ଟୋବରରେ ଦୁର୍ଗାପୂଜା ପୂର୍ବରୁ କିମ୍ବା ପରେ ଏନ୍‌ସିପିଆଇର ୨୦ ଜଣ ସାଂସଦଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ଆଜି ସକାଳେ ବୟାନ ଦେଇ ହଟଚମଟ ସୃଷ୍ଟି କରିଥିଲେ। ସେ କହିଥିଲେ ଯେ ୧୭ ଜଣ ସାଂସଦ ଏକାଠି ଦଳ ପରିବର୍ତ୍ତନ କରିବେ। ଏହି ସଂଖ୍ୟା ୨୦ ଜଣିଆ ଗୋଷ୍ଠୀର ଦୁଇ-ତୃତୀୟାଂଶରୁ ଅଧିକ ହୋଇଥିବାରୁ ଦଳବଦଳ ନିରୋଧୀ ଆଇନ ସେମାନଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ। ଜୁନ୍ ୧୪ରେ ଟିଏମ୍‌ସିର ୨୦ ଜଣ ବିଦ୍ରୋହୀ ସାଂସଦ ଅପରିଚିତ ଏନ୍‌ସିପିଆଇ ସହ ମିଶିବା ଘୋଷଣା କରିଥିଲେ। ଏହା ସହ ସେମାନେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ସମର୍ଥନ ମଧ୍ୟ ଘୋଷଣା କରିଥିଲେ। ଦଳବଦଳ ନିରୋଧୀ ଆଇନ ଅନୁଯାୟୀ, କୌଣସି ବିଧାୟକ ଦଳର ଅତି କମ୍‌ରେ ଦୁଇ-ତୃତୀୟାଂଶ ସଦସ୍ୟ ମିଶି ଅନ୍ୟ ଦଳରେ ବିଲୟ ହେଲେ ସେମାନଙ୍କ ଉପରେ ଦଳବଦଳ ନିରୋଧୀ ନିୟମ ଲାଗୁ ହୁଏନାହିଁ। ୨୦ ଜଣିଆ ଏନ୍‌ସିପିଆଇ ଗୋଷ୍ଠୀ କ୍ଷେତ୍ରରେ ଏହି ସଂଖ୍ୟା ୧୪ ରହିଛି। ତେବେ ୨୦ ଜଣଙ୍କ ମଧ୍ୟରୁ ତିନିଜଣ ସାଂସଦ ବିଜେପିରେ ଭାବେ ଯୋଗ ଦେବେ ନାହିଁ ବୋଲି ବସୁନିଆ କହିଛନ୍ତି। ସେମାନେ ହେଲେ ଅବୁ ତାହେର ଖାନ୍, ଖଲିଲୁର ରହମାନ ଓ ୟୁସୁଫ ପଠାନ।

# ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲେ ଦୁଇ ଗୋଷ୍ଠୀ

କୋଲକାତା, ୧୪।୯(ଏଜେନ୍ସି): ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ପ୍ରମୁଖ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣା କରିଛନ୍ତି। ମମତା ବାନାର୍ଜୀଙ୍କ ଟିଏମ୍‌ସି ନନ୍ଦିଗ୍ରାମ ଆସନରୁ ସଞ୍ଚିତା ପ୍ରଧାନ ଦେ ଏବଂ ରେଜିନଗରରୁ ରବିଉଲ ଆଲମ ଚୌଧୁରୀଙ୍କୁ ପ୍ରାର୍ଥୀ କରିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ, ମମତା ନନ୍ଦୀଗ୍ରାମ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଦଳ ସ୍ପଷ୍ଟ କରିଛି। ସେହିଭଳି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ନନ୍ଦିଗ୍ରମାରେ ମହମ୍ମଦ ଏହତସାମୁଲ ହକ ଏବଂ ରେଜିନଗରରେ ସଫିଉଦ୍ଦିନ ଶେଖଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ନିର୍ବାଚନରେ ପ୍ରଥମ ଥର ଲାଗି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ମହମ୍ମଦ ଅବଦୁଲ୍ଲାହିଲ କାଫିଙ୍କୁ ରେଜିନଗର ଏବଂ ମିଲନ ପ୍ରଧାନଙ୍କୁ ନନ୍ଦିଗ୍ରାମ ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ଆସନ୍ତା ଅକ୍ଟୋବର ୬ ରେ ମତଦାନ ଏବଂ ଅକ୍ଟୋବର ୯ ରେ ଭୋଟ ଗଣତି ହେବ।



ଦିଶା ସାଲିଆନ ମୃତ୍ୟୁ ମାମଲା

# ଫଁସିଲେ ଠାକ୍‌ରେ, ରିୟା

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ସିବିଆଇ ସୋମବାର ଏଫ୍ଆଇଆର୍ ରୁଜୁ କରିଛି। ଏଫ୍ଆଇଆର୍‌ରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ, ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ ଅନେକ ବ୍ୟକ୍ତିଙ୍କ ନାମ ରହିଛି। ରୋହନ ରୟ, ଅଭିନେତା ଡିନୋ ମୋରିଆ ଓ ସୂରଜ ପାଞ୍ଚଲି, ଆଦିତ୍ୟଙ୍କ ସୁରକ୍ଷାକର୍ମୀ, ଶୋଭିକ ଚକ୍ରବର୍ତ୍ତୀ, ପୂର୍ବତନ ପୁଲିସ ଅଧିକାରୀ ସଚିନ ୱାଜେ, ପୂର୍ବତନ ମୁମ୍ବାଇ ପୁଲିସ କମିସନର ପରମବୀର ସିଂହ, ଡିସିପି ବିଶାଳ ଠାକୁରଙ୍କ ନାମ ମଧ୍ୟ ରହିଛି। ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ନାମ ମଧ୍ୟ ଦସ୍ତାବିଜରେ ଉଲ୍ଲେଖ ହୋଇଛି।

ସିବିଆଇ ଏଫ୍ଆଇଆର୍‌ରେ ଅପରାଧିକ ଷଡ଼ଯନ୍ତ୍ର, ମିଥ୍ୟା ଆତ୍ମହତ୍ୟା କାହାଣୀ ସୃଷ୍ଟି ଓ ପ୍ରଚାର କରିବା ସହ ପ୍ରମାଣ ଦମନ, ନଷ୍ଟ କିମ୍ବା ଜାଲିଆତି କରାଯାଇଥିବା ଅଭିଯୋଗର ତଦନ୍ତ କରାଯିବ ବୋଲି କୁହାଯାଇଛି। ଚଳିତ ମାସ ଆରମ୍ଭରେ ବମ୍ବେ ହାଇକୋର୍ଟ ଦିଶାଙ୍କ ମୃତ୍ୟୁର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁମ୍ବାଇ ପୁଲିସ ଦୀର୍ଘ ସମୟ ଧରି ଏଫ୍ଆଇଆର୍ ରୁଜୁ ନକରିଥିବା ନେଇ ମଧ୍ୟ ଅଦାଲତ ପ୍ରଶ୍ନ ଉଠାଇଥିଲେ। ତଦନ୍ତରେ ଥିବା କେତେକ ଅସଙ୍ଗତି ନେଇ ମଧ୍ୟ କୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୨୦ ଜୁନ୍ ୮ରେ ମୁମ୍ବାଇର ମାଲାଡ୍ ଅଞ୍ଚଳର ଏକ ଆବାସିକ କୋଠାରୁ ଖସି ଦିଶାଙ୍କ ମୃତ୍ୟୁ



ହୋଇଥିଲା। ଏହାକୁ ନେଇ ମୁମ୍ବାଇ ପୁଲିସ ଏକ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ ରୁଜୁ କରିଥିଲା। ଦିଶାଙ୍କ ମୃତ୍ୟୁର ଛଅ ଦିନ ପରେ, ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ବାସଭବନରୁ ମିଳିଥିଲା। ଦୁଇ ଘଟଣା ମଧ୍ୟରେ ସମୟର ନିକଟତାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲେ ମଧ୍ୟ ଦୁଇଟି ମାମଲାର ତଦନ୍ତ ପୃଥକ ଭାବେ ହୋଇଥିଲା। ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ସିବିଆଇ ତଦନ୍ତ ପରେ ତାଙ୍କ ମୃତ୍ୟୁ ଆତ୍ମହତ୍ୟା ବୋଲି ଦର୍ଶାଇଥିଲା। ଦିଶାଙ୍କ ପିତା ସତୀଶ ସାଲିଆନ ପୂର୍ବରୁ ଆଦିତ୍ୟ ଠାକରେ ଓ ଅଭିନେତା ଡିନୋ ମୋରିଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ, ମୁମ୍ବାଇ ପୁଲିସର ପୂର୍ବ ତଦନ୍ତ ଅନୁଯାୟୀ ଦିଶାଙ୍କ ମୃତ୍ୟୁ ଆତ୍ମହତ୍ୟା ଥିଲା।

# ଦକ୍ଷିଣ ଆଫ୍ରିକାରେ ଦୁର୍ଘଟଣା; ୨୧ ମୃତ

କେପ୍‌ଟାଉନ, ୧୪।୯(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପଶ୍ଚିମ କେପ୍ ରାଜ୍ୟରେ ରବିବାର ରାତିରେ ତିନିଟି ଗାଡ଼ି ମଧ୍ୟରେ ଭୟଙ୍କର ଧକ୍କା ହୋଇ ଅତି କମ୍‌ରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ରୋଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ କର୍ପୋରେସନ୍‌ର ସୂଚନା ଅନୁଯାୟୀ, ପ୍ରିନ୍ସ ଆଲବର୍ଟ ଓ ଲିଉ-ଗାମ୍କା ନାମକ ଦୁଇଟି ଛୋଟ ସହର ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଏହି ସ୍ଥାନ କେପ୍‌ଟାଉନଠାରୁ ପ୍ରାୟ ୩୮୦ କିଲୋମିଟର ଦୂରରେ ରହିଛି। ପ୍ରାଥମିକ ତଦନ୍ତ ଅନୁସାରେ, ଦୁଇଟି ମିନିବସ୍ ଟ୍ୟାକ୍ସି ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଏହାପରେ ଏକ ଏସ୍‌ୟୁଭି ଆସି ଦୁଇଟି ଯାନକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତିନି ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ରାଜସ୍ଥାନ ପୌର ନିର୍ବାଚନ

# ସ୍ୱାଧୀନ ପ୍ରାର୍ଥୀଙ୍କ ଦବ୍‌ଦବା

ଜୟପୁର, ୧୪।୯(ଏଜେନ୍ସି): ରାଜସ୍ଥାନରେ ଅନୁଷ୍ଠିତ ପୌର ନିର୍ବାଚନରେ ବିଜେପି, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ମୋଟ୍ ୩୦୯ ପୌର ସଂସ୍ଥାର ୧୦ ହଜାର ୨୪୪ ୱାର୍ଡ ମଧ୍ୟରୁ ଘୋଷିତ ଫଳାଫଳରେ ବିଜେପି ୪ହଜାର ୧୭୧ଟି ୱାର୍ଡରେ ବିଜୟୀ ହୋଇଥିବା ବେଳେ

- ବିଜେପି ଖାତାରେ ୩୫୮୭ ୱାର୍ଡ
- କଂଗ୍ରେସକୁ ମିଳିଛି ୩୦୫୦
- ୨୦୨୪ରେ ସ୍ୱାଧୀନ କାଉନସିଲର



କଂଗ୍ରେସ ୩ହଜାର ୫୯୭ଟି ୱାର୍ଡ ଦଖଲ କରିଛି। ଦୁଇ ହଜାରରୁ ଅଧିକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ୧୦ଟି ପୌର ନିଗମ, ୫୧ଟି ପୌର ପରିଷଦ ଏବଂ ୨୪୮ଟି ପୌରାଞ୍ଚଳରେ ୧୦ ହଜାର ୨୪୫ କାଉନସିଲରଙ୍କୁ ନିର୍ବାଚିତ କରିବା ଲାଗି ହୋଇଥିଲା ମତଦାନ।

ମୋଟ୍ ୧୦ଟି ପୌର ନିଗମ ମଧ୍ୟରୁ ବିଜେପିକୁ ଜୟପୁର, ଉଦୟପୁର, କୋଟା ଏବଂ ଭେଲୱାରାରେ ସ୍ୱଷ୍ଟ ବହୁମତ ମିଳିଥିବା ବେଳେ କଂଗ୍ରେସକୁ ବିକାIIନେରରେ ବିଜୟ ମିଳିଛି। ତେବେ ଯୋଧପୁର, ଅଲୱାର, ଅଜମୀର ଏବଂ ପାଲି ପୌର ନିଗମରେ କାହାରିକୁ ସ୍ୱଷ୍ଟ ବହୁମତ ମିଳିନାହିଁ। ପୌର ନିଗମରେ ସ୍ୱାଧୀନ କାଉନସିଲଙ୍କର ନିର୍ଣ୍ଣାୟକ ଭୂମିକା ରହିଛି। ଯୋଧପୁରରେ ବିଜେପି ଓ କଂଗ୍ରେସ ୪୪ଟି ଲେଖାଏଁ ୱାର୍ଡ ଜିତିଛନ୍ତି। ସେହିଭଳି ଅଜମେର ଓ ପାଲିରେ କଂଗ୍ରେସ ଆଗୁଆ ରହିଥିବା ବେଳେ ଅଲୱାରରେ ବିଜେପି ଆଗୁଆ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଭରତପୁରରେ ୬୮ଟି ୱାର୍ଡ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ୩୮ଟିରେ ବିଜୟୀ ହୋଇ ବିଜେପି (୨୦)କୁ ପଛରେ ପକାଇଦେଇଛନ୍ତି।

# ଦୂଷିତ ପାଣିରୁ ସଂକ୍ରମଣ, ଗଲାଣି ୩୦ ଆଦିବାସୀ ଶିଶୁଙ୍କ ଜୀବନ

ବାଲାଘାଟ, ୧୪।୯(ଏଜେନ୍ସି): ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ସଂକ୍ରାମକ ରୋଗ ଯୋଗୁଁ ୩୦ରୁ ଅଧିକ ଆଦିବାସୀ ଶିଶୁଙ୍କ ମୃତ୍ୟୁ ହୋଇଛି। କକ୍ରୋଚ୍ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ୍ ଦୀପକେ ପ୍ରଭାବିତ ଅଞ୍ଚଳ ଯାଇ ଯେଉଁ ତଥ୍ୟ ଦେଇଛନ୍ତି, ତାହା ସମସ୍ତଙ୍କୁ ବିସ୍ମିତ କରିଛି। ବାଲାଘାଟ ଜିଲ୍ଲାର ଆଡୋରୀ, କୋରକା ଏବଂ ବୋଣ୍ଡାରୀ ଗ୍ରାମରେ ଲୋକମାନେ ଏବେ ନାଳରୁ ଦୂଷିତ ପାଣି ପିଉଛନ୍ତି। ନଳକୂଅରୁ ହଳଦିଆ ଦୂଷିତ ଜଳ ବାହାରୁଛି, ଲୋକେ ନଦୀ ନିକଟ ଚୁଆରୁ ଦୂଷିତ ଜଳ ସଂଗ୍ରହ କରୁଛନ୍ତି। ଅଞ୍ଚଳରେ ଡାକ୍ତରଖାନାର ସୀମିତ କ୍ଷମତା ସ୍ୱାସ୍ଥ୍ୟସେବାରେ ପ୍ରତିବନ୍ଧକ ହୋଇଛି। ଦୀପକେ କହିଛନ୍ତି ଯେ, ସରକାର ଶିଶୁ ମୃତ୍ୟୁ ସଂଖ୍ୟା ସ୍ୱୀକାର କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କିନ୍ତୁ ସରକାର ଦ୍ୱାରା ପ୍ରଭାବିତ ହୋଇ ଗଣମାଧ୍ୟମ

## ମଧ୍ୟପ୍ରଦେଶ ବାଲାଘାଟର ଭୟଙ୍କର ଚିତ୍ର ଦେଖାଇଲେ ଦୀପ୍‌କେ

ଶିଶୁମୃତ୍ୟୁ ପାଇଁ ଆଦିବାସୀଙ୍କୁ ଦାୟୀ କରୁଛନ୍ତି। ଆଦିବାସୀ ଡାକ୍ତରଖାନା ଆସିବା ପରିବର୍ତ୍ତେ ପାରମ୍ପରିକ ଚିକିତ୍ସା ଉପରେ ନିର୍ଭର କରୁଥିବା ସରକାରୀ ଅଧିକାରୀ କହୁଛନ୍ତି। ତେବେ ଏଥିପାଇଁ କିଏ ଦାୟୀ ବୋଲି ଦୀପକେ ପ୍ରଶ୍ନ କରିଛନ୍ତି।



# ଭିକାରୀ ବେଶରେ ବୁଲିଲେ ୩୩୮୩ କୋଟିର ମାଲିକ ବିଜେପି ବିଧାୟକ

ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ରର ସବୁଠାରୁ ଧନୀ ରାଜନେତାଙ୍କ ମଧ୍ୟରେ ଥିବା ବିଜେପି ବିଧାୟକ ପରାଗ ଶାହ ଏକ ଅଭିନବ ଅନୁଭୂତି ପାଇଁ ମୁମ୍ବାଇର ଘାଟକୋପରରେ ଦିନଟିଏ ଭିକାରୀ ବେଶରେ ବୁଲିଛନ୍ତି। ତାଙ୍କ ଏହି ଅଭିନବ ପ୍ରୟାସର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଜୈନ ଚତୁର୍ମାସ ସମୟରେ ଜୈନ ଧର୍ମଗୁରୁ ନମ୍ରମୁନି ମହାରାଜଙ୍କ ପରାମର୍ଶରେ ଶାହ ଏହି ପ୍ରୟୋଗ କରିଥିବା ଜଣାପଡ଼ିଛି। ସେ ନିଜ ସୁରକ୍ଷାକର୍ମୀ, ଗାଡ଼ି ଓ ମୂଲ୍ୟବାନ ସାମଗ୍ରୀ ଛାଡ଼ି ମେକଅପ୍ ଓ ପୋଷାକ ବଦଳାଇ ଭିକାରୀଙ୍କ ଭଳି ଘାଟକୋପରର ରାସ୍ତାରେ ବୁଲିଥିଲେ। ସେ ରାସ୍ତାକଡ଼ରେ ବସିବା ସହ ଲୋକଙ୍କୁ ଭିକ୍ଷା ମାଗିଥିଲେ। ତାଙ୍କୁ ଚିହ୍ନିପାରି ନଥିଲେ ସାଧାରଣ ଲୋକ। ପରେ ମେକଅପ୍ ହଟାଇ ସେ ସେହି ସ୍ଥାନଗୁଡ଼ିକୁ ପୁଣି ଯାଇ ପୂର୍ବରୁ ଦେଖା ହୋଇଥିବା ଲୋକଙ୍କୁ ଭେଟିଥିଲେ। ଏହି ଅନୁଭୂତି



ମାଧ୍ୟମରେ ଅନ୍ୟମାନଙ୍କ ଦୟା ଓ ଭିକ୍ଷା ଉପରେ ନିର୍ଭର କରି ଜୀବନଯାପନ କରୁଥିବା ଲୋକଙ୍କ ସମସ୍ୟା ଓ ଜୀବନଶୈଳୀକୁ ନିକଟରୁ ବୁଝିବାର ସୁଯୋଗ ପାଇଥିବା କୁହାଯାଇଛି। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସତ୍ୟପାଠରେ ପରାଗ ଶାହ ୩, ୩୮୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଘୋଷଣା କରିଥିଲେ। ତାଙ୍କର ପ୍ରମୁଖ ବ୍ୟବସାୟିକ ରୁଚି ରିଅଲ୍ ଇଷ୍ଟେଟ୍ ସହ ଜଡ଼ିତ। ବିଧାୟକ ହେବା ପୂର୍ବରୁ ସେ ବୃହନ୍‌ମୁମ୍ବାଇ ମହାନଗର ନିଗମର କର୍ପୋରେଟର ମଧ୍ୟ ଥିଲେ।

# ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ମିଳିଲା ମାତ୍ର ଗୋଟିଏ ଭୋଟ୍

ନୂଆଦିଲ୍ଲୀ, ୧୪।୯(ଏଜେନ୍ସି): ରାଜସ୍ଥାନର ପୌର ନିର୍ବାଚନରେ ବିଜେପି ପ୍ରାର୍ଥୀ କୈଳାସଚନ୍ଦଙ୍କୁ ମିଳିଛି ମାତ୍ର ଗୋଟିଏ ଭୋଟ୍। ପୌରପାଳିକାର ୧୩ ନମ୍ବର ୱାର୍ଡରୁ ସେ ପ୍ରାର୍ଥୀ ହୋଇଥିଲେ। ଏହି ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ୩୭୬ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପ୍ରାର୍ଥୀଙ୍କୁ ମିଳଛି ମାତ୍ର ଗୋଟିଏ ଭୋଟ୍।

# ଆମେରିକା ଗାଁରେ ଭାରତୀୟ ଆତ୍ମା

## ୧୮୦ ଘର, ଜୈବିକ ଚାଷ, ମନ୍ଦିର ଘଣ୍ଟିର ଧ୍ୱନି

ୱିନ୍‌ଷ୍ଟନ୍-ସେଲମ୍,୧୪।୯(ଏଜେନ୍ସି):ଆମେରିକାର ନର୍ଥ କାରୋଲିନାରେ ଗଢ଼ିଉଠୁଛି ଏକ ନିଆରା 'ବୈଦିକ ଗାଁ', ଯେଉଁଠି ଆଧୁନିକ ଆମେରିକୀୟ ଜୀବନଶୈଳୀ ସହ ଭାରତୀୟ ଗ୍ରାମୀଣ ଜୀବନର ଛାପ ଦେଖିବାକୁ ମିଳିବ। ପ୍ରାୟ ୨୧୫ ଏକର ଜମିରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପରେ ୧୮୦ଟି ଘର, ଜୈବିକ ଚାଷ, ଆଧ୍ୟାତ୍ମିକତା ଓ ସ୍ୱାସ୍ଥ୍ୟସେବା ସୁବିଧା ସହ ସାମୂହିକ ଜୀବନର ବ୍ୟବସ୍ଥା ରହିବ। ଏଠାରେ ଶଙ୍ଖଧ୍ୱନି ଓ ମନ୍ଦିର ଘଣ୍ଟି ସହ ପଡ଼ୋଶୀଙ୍କ ସହ ମିଳାମିଶା, ସାମୂହିକ ଉତ୍ସବ ଏବଂ ନିଜସ୍ୱ ଜୈବିକ ଖାଦ୍ୟ ଉତ୍ପାଦନ ଭଳି ଭାରତୀୟ ଗାଁର ପରିବେଶ ସୃଷ୍ଟି କରାଯିବ। ଦ୍ରୁତ ଜୀବନଶୈଳୀ, ଏକାକୀପଣ ଓ ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସରୁ ମୁକ୍ତି ପାଇଁ ଏଭଳି ଜୀବନଶୈଳୀ ପ୍ରତି ଆମେରିକାରେ ଆଗ୍ରହ ବଢ଼ୁଥିବା କୁହାଯାଉଛି। ଭାରତୀୟ-ଆମେରିକୀୟ ଉଦ୍ୟୋଗୀ ପ୍ରକାଶ ବୁଚିରେଡ୍ଡୀ ଏହି ପ୍ରକଳ୍ପର ପ୍ରତିଷ୍ଠାତା। ତିରୁପତି ନିକଟ ପ୍ରକୃତିକେନ୍ଦ୍ରିକ ପରିବେଶରେ ବଢ଼ିଥିବା ବୁଚିରେଡ୍ଡୀଙ୍କ ମତରେ, ଭାରତୀୟ ଗ୍ରାମୀଣ ଜୀବନର ମୂଲ୍ୟବୋଧ ଆମେରିକାର ସାମାଜିକ ସମସ୍ୟାର ସମାଧାନରେ ସହାୟକ ହୋଇପାରେ। ତାଙ୍କ କହିବା ଅନୁସାରେ, ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମର ଲୋକଙ୍କ ପାଇଁ ସୀମିତ ଅଞ୍ଚଳ ନୁହେଁ। ବରଂ ଆଧୁନିକ ସୁବିଧା ସହ ଶାନ୍ତିପୂର୍ଣ୍ଣ ସାମୂହିକ ଜୀବନର ଏକ ନୂଆ ପ୍ରୟାସ। ଗାଁର କିଛି ଅଟ୍ଟାଳିକାର ନାମ 'ମୋକ୍ଷ' ଓ 'ସନ୍ତୋଷ' ଭଳି ସଂସ୍କୃତ ଶବ୍ଦରେ ରଖାଯାଇଛି। ପ୍ରାୟ ୧୫୦ ଏକର ଅଞ୍ଚଳରେ ସବୁଜିମା, ଚାଷ ଓ ମନୋରଞ୍ଜନ ସୁବିଧା ରହିବ। ମାର୍ଚ୍ଚ ସୁଦ୍ଧା ୧୧୦ଟି ଘର ବୁକ୍ ହୋଇସାରିଥିବା ବୁଚିରେଡ୍ଡୀଙ୍କ ପକ୍ଷରୁ କୁହାଯାଇଛି। ୨୦୨୮ ଶେଷ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ଆଶା ରହିଛି। ପ୍ରାୟ ୭୧୭ କୋଟି ଟଙ୍କାର ଏହି ପ୍ରକଳ୍ପରୁ ପ୍ରାୟ ୩୭୮ଟି ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ। ଚାଷ ଓ ପଶୁପାଳନ ସହିତ ବିଭିନ୍ନ କାର୍ଯ୍ୟରେ ଏହି ନିଯୁକ୍ତି ରହିବ। ନର୍ଥ କାରୋଲିନାର ମଡେଲ୍‌କୁ ଅନୁସରଣ କରି ଜର୍ଜିଆରେ 'ବୃନ୍ଦାବନ' ଓ ଟେନେସିରେ 'ବାନପ୍ରସ୍ଥ' ନାମରେ ଆଉ ଦୁଇଟି ବୈଦିକ ଗାଁ ନିର୍ମାଣର ଯୋଜନା ରହିଛି। ବିଶେଷକରି 'ବାନପ୍ରସ୍ଥ'ରେ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯିବ।



# ମେଡିକାଲ୍ ସାର୍ଟିଫିକେସନ୍‌ରେ ଖସିଲା ଓଡ଼ିଶା

## ୮୦ ପ୍ରତିଶତ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୧୪।୯ (ସମିସ): ଓଡ଼ିଶାରେ ପ୍ରତି ୧୦୦ଟି ମୃତ୍ୟୁ ମଧ୍ୟରୁ ପ୍ରାୟ ୮୦ ଜଣଙ୍କ ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ । ରାଜ୍ୟରେ ପଞ୍ଜିକୃତ ହେଉଥିବା ମୃତ୍ୟୁ ମଧ୍ୟରୁ ମାତ୍ର ୨୦.୪ ପ୍ରତିଶତ କ୍ଷେତ୍ରରେ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ଜାରି ହେଉଛି। ପଞ୍ଜିକୃତ ମୃତ୍ୟୁ ସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ମୃତକଙ୍କ ମୃତ୍ୟୁର ଡାକ୍ତରୀ କାରଣ ସରକାରୀ ରେକର୍ଡରେ ରହୁନାହିଁ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନ ଜନଗଣନା କମିଶନରଙ୍କ କାର୍ଯ୍ୟାଳୟ (ଓଆର୍‌ଜିଆଇ) ପକ୍ଷରୁ ପ୍ରକାଶିତ "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' (ଏମ୍‌ସିସିଡି) ରିପୋର୍ଟରେ ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ପଞ୍ଜିକୃତ ମୃତ୍ୟୁ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିରେ ଏହି ବର୍ଷକ ମଧ୍ୟରେ ରାଜ୍ୟରେ ୪.୧୫ ଲକ୍ଷ ମୃତକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ମାତ୍ର ୮୪,୫୬୨ ଜଣଙ୍କ ମୃତ୍ୟୁର କାରଣ ସହ ପ୍ରମାଣ ପତ୍ର ଜାରି କରାଯାଇଛି। ମୋଟ ପଞ୍ଜିକୃତ ମୃତ୍ୟୁ ତୁଳନାରେ ମେଡିକାଲ୍ ସାର୍ଟିଫିକେସନ୍ ହାର ୨୦.୪ ପ୍ରତିଶତ ହୋଇଥିବାବେଳେ ପ୍ରାୟ ୭୯.୬ ପ୍ରତିଶତ ମୃତ୍ୟୁ ଡାକ୍ତରୀ କାରଣ ବିନା ପଞ୍ଜିକୃତ ହୋଇଛି। ବଡ଼ କଥା ହେଉଛି ଯେ ଏହି କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଅବନତି ଦେଖାଇଛି। ୨୦୨୨ରେ ରାଜ୍ୟର "ମେଡିକାଲ୍ ସାର୍ଟିଫିକେସନ୍ ଅଫ୍ କଜ୍ ଅଫ୍ ଡେଥ୍' ହାର ୨୧.୯ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୨୩.୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୪ରେ ଏହା ହ୍ରାସ ପାଇ ୨୦.୪ ପ୍ରତିଶତରେ ପହଞ୍ଚିଛି। ଫଳସ୍ୱରୂପ ଦେଶର ୨୧ଟି ପ୍ରମୁଖ ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ୨୦୨୩ରେ ଷଷ୍ଠ ଥିବାବେଳେ ୨୦୨୪ରେ ଏହା ୧୧ତମ ସ୍ଥାନକୁ ଖସିଛି। ସେହିପରି ଦେଶର ମୋଟ୍ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ

**■ ୪.୧୫ ଲକ୍ଷ ମୃତ୍ୟୁରୁ ଡାକ୍ତରୀ ପ୍ରମାଣପତ୍ର ୨୦%**
**■ ଷଷ୍ଠରୁ ୧୧ତମ ସ୍ଥାନକୁ ଖସିଲା ଓଡ଼ିଶା**

ହୋଇଥିବା ତାଲିକାରେ ଓଡ଼ିଶାର ସ୍ଥାନ ୨୧ରେ ରହିଛି। ସବୁଠୁ ବଡ଼ କଥା ହେଉଛି, ଏହି କ୍ଷେତ୍ରରେ ଜାତୀୟ ହାର ୨୩.୧ ରହିଛି। ୨୦୨୩ରେ ଓଡ଼ିଶା ଜାତୀୟ ହାରଠାରୁ ଉପରେ ରହିଥିବା ବେଳେ ୨୦୨୪ରେ ଓଡ଼ିଶାର ହାର ଜାତୀୟ ହାରଠାରୁ ତଳକୁ ଖସିଛି।

ଜାରି ହୋଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଡାକ୍ତରୀ କାରଣ ପ୍ରମାଣିତ ହୋଇଥିବା ମୃତ୍ୟୁ କ୍ଷେତ୍ରରେ ହୃଦ୍‌ରୋଗ ଓ ରକ୍ତ ସଞ୍ଚାଳନ ପ୍ରଣାଳୀ ସମ୍ପର୍କିତ ସମସ୍ୟା ଯୋଗୁଁ ଅଧିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ହାର ୨୮.୨ ପ୍ରତିଶତ। ଏହାସହିତ ୧୭.୮ ପ୍ରତିଶତ ମୃତ୍ୟୁର କାରଣ ଅସ୍ପଷ୍ଟ ଲକ୍ଷଣ ବା ଅଜ୍ଞାତ ବୋଲି ରେକର୍ଡ କରାଯାଇଛି। ଏହି ମାମଲାରେ ଦେଶରେ ଓଡ଼ିଶାର ସ୍ଥାନ ୬ ନମ୍ବରରେ ରହିଛି। ଡାକ୍ତରୀ ଭାବେ ପ୍ରମାଣିତ ମୃତ୍ୟୁର ଅନ୍ୟାନ୍ୟ କାରଣ ମଧ୍ୟରେ ଶ୍ୱାସକ୍ରିୟାଜନିତ ରୋଗ ୮.୯ ପ୍ରତିଶତ, ସଂକ୍ରାମକ ରୋଗ ୮.୪ ପ୍ରତିଶତ, କର୍କଟ ୪.୯ ପ୍ରତିଶତ, ମୂତ୍ର ଓ ପ୍ରଜନନ ପ୍ରଣାଳୀ ସମ୍ପର୍କିତ ରୋଗ ୪.୭ ପ୍ରତିଶତ, ପାଚନତନ୍ତ୍ରଜନିତ ରୋଗ ୪.୧ ପ୍ରତିଶତ, ଦୁର୍ଘଟଣା ଓ ବିଷକ୍ରିୟା ଭଳି ବାହ୍ୟ କାରଣ ୩.୮ ପ୍ରତିଶତ ଏବଂ ମଧୁମେହ ୩ ପ୍ରତିଶତ ରହିଛି। ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବାର ବ୍ୟବସ୍ଥା ମୁଖ୍ୟତଃ ସହରାଞ୍ଚଳ ଓ ବଡ଼ ଡାକ୍ତରଖାନାକୁ କେନ୍ଦ୍ର କରି ରହିଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ଆଇନ, ୨୦୨୩ ଅନୁସାରେ ସରକାରୀ ଓ ଘରୋଇ ଡାକ୍ତରଖାନା ସମେତ ଚିକିତ୍ସା କରୁଥିବା ଡାକ୍ତରଙ୍କ ଦ୍ୱାରା ମୃତ୍ୟୁର କାରଣ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ତେଣୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ମୃତ୍ୟୁର ଡାକ୍ତରୀ କାରଣ ପ୍ରମାଣିତ କରିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବେ ରାଜ୍ୟ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

**ସୁନ୍ଦରଗଡ଼ ପୁଲିସର ଚଢ଼ଉ**

# ସାଇବର ଠକେଇ ମାମଲାରେ ବାରିପଦାରୁ ଦମ୍ପତି ଗିରଫ

ବାରିପଦା, ୧୪।୯ (ସମିସ): ସାଇବର ଠକେଇ ମାମଲାରେ ସୁନ୍ଦରଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ଅଭିନାଶ ଗ୍ରହାଚାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଇନ୍ଦୁ ଲେଖା ଓଝାଙ୍କୁ ପୁଲିସ ବାରିପଦା ଟାଉନଥାନା ଅଧୀନ ପ୍ରଫୁଲ୍ଲ ନଗର ଅଞ୍ଚଳରୁ ଗିରଫ କରି ସୁନ୍ଦରଗଡ଼ ନେଇଯାଇଥିବା ଜଣାପଡ଼ିଛି। ବାରିପଦା ଟାଉନ ପୁଲିସ ସୂଚନା ମୁତାବକ, ଏହି ଘଟଣା ସମ୍ପର୍କରେ ସୁନ୍ଦରଗଡ଼ ସାଇବର ଥାନାରେ କେସ୍ ନମ୍ବର ୫,୧୭।୪।୨୦୨୪ରେ ମାମଲା ରୁଜୁ ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଜାରି ରହିଥିଲା। ଗିରଫ ଦମ୍ପତିଙ୍କ ପ୍ରକୃତ ଘର ବାଲେଶ୍ୱର ଜିଲ୍ଲାର ବରହମପୁର ଅଞ୍ଚଳରେ ବୋଲି ପୁଲିସ ଜାଣିବାକୁ ପାଇଛି।

**କୋଲକାତାରେ ରହି ଚଳାଉଥିଲେ ଠକେଇ କାରବାର**

ସେମାନେ କୋଲକାତାରେ ରହି ସାଇବର ଠକେଇ କାରବାର ଚଳାଇଥିବା ଅଭିଯୋଗ ରହିଛି। ପୁଲିସ ସେମାନଙ୍କୁ ଖୋଜୁଥିବା ଜାଣିବା ପରେ ସେମାନେ ସୁନ୍ଦରଗଡ଼ରୁ ଆସି ବାରିପଦା ପ୍ରଫୁଲ୍ଲ ନଗର ଅଞ୍ଚଳରେ ରହୁଥିଲେ। ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏହି ନେଟୱର୍କରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଛି।

# ୧୯ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର,୧୪।୯ (ସମିସ): ଦେଶରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହୋଇଛି। ଆସନ୍ତା ୧୯ରୁ ମୌସୁମୀ ପଶ୍ଚିମ ରାଜସ୍ଥାନ ପଟୁ ଅପସାରଣ ଆରମ୍ଭ ହେବ। ଏନେଇ ଆଜି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶର ବିଭିନ୍ନ ସ୍ଥାନରେ ମୌସୁମୀ ବାୟୁ ପ୍ରବାହ ଦୁର୍ବଳ ରହିଛି। ତେଣୁ ଗତ ୧୫ଦିନ ଧରି ପଶ୍ଚିମ ରାଜସ୍ଥାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଦୌ ବର୍ଷା ଅନୁଭୂତ ହୋଇନାହିଁ। ଏଥିପାଇଁ ଉତ୍ତରପଶ୍ଚିମ ଭାରତରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି ବୋଲି ଆଇଏମ୍‌ଡି କହିଛି। ସାଧାରଣତଃ ଦେଶରେ ରାଜସ୍ଥାନ ଓ ପଞ୍ଜାବ ପଟୁ ପ୍ରଥମେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ଆରମ୍ଭ ହୋଇଥାଏ। ମୌସୁମୀ ଓଡ଼ିଶା ଛାଡ଼ିବା ବେଳକୁ ପ୍ରାୟ ଅକ୍ଟୋବର ଦ୍ୱିତୀୟ ସପ୍ତାହ ହୋଇଥାଏ। ରାଜ୍ୟରେ ମଧ୍ୟ ଧୀରେ ଧୀରେ ବର୍ଷାର ପ୍ରଭାବ କମୁଛି। ମାତ୍ର ମୌସୁମୀ ଟ୍ରଫ୍‌ର ପ୍ରଭାବ ହେତୁ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଅନୁଭୂତ ହେଉଛି। ସୋମବାର ଗଣେଶ ପୂଜା ଅବସରରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ସକାଳୁ ସକାଳୁ କୋହଲା ପାଗ ସାଙ୍ଗକୁ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଛି। ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପଟି ବର୍ତ୍ତମାନ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ରାଜସ୍ଥାନ ନିକଟରେ ପହଞ୍ଚିଛି। ହେଲେ ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ଆଶଙ୍କା ରହୁଛି। ତେବେ ୨୦ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବାରୁ ରାଜ୍ୟରେ ୧୮-୧୯ ତାରିଖରୁ ପୁଣି ପାଗରେ ପରିବର୍ତ୍ତନ ଆସିବ ବୋଲି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି।





# ଆଜି ନୂଆଁଖାଇ: ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୯ (ସମିସ): ନୂଆଁଖାଇ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମ୍ବଲପୁରୀ ଭାଷାରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, "ଜୟ ଜଗନ୍ନାଥ, ଜୟ ମାଁ ସମ୍‌ଲେଇ, ସମ୍‌କୁ ମୋର ନୂଆଁଖାଇ ଜୁହାର୍। ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ, ସବୁ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣଉଛେଁ। ନୂଆଁଖାଇ, ଖାଲି ଗୁଟେ ପରବ୍ ନାଇଁସେ, ଇଟା ଆମର୍ ମାଟି, ସଂସ୍କୃତି, ଚାଲିଚଲନ୍ ଆର୍ ସାମାଜିକ ଏକତାର୍ ପ୍ରାଣସ୍ପନ୍ଦନ୍ ଆଏ। ଇ ଆନନ୍ଦମୟ ପରବ୍‌ନେ, ମନର୍ ସବୁ ଭେଦଭାବ, ତିକ୍ତତା ଆର୍ ଅହଂକାରକେ ପଛେ ପକେଇ କରି, ଆମେ ବଡ୍ ଗୁରୁ-ଗୁରୁଜନ୍ ମାନକର୍ ପାହାତଲେ "ଜୁହାର୍- ମୁଁଡିଆ' ଜନେଇଥିସୁଁ, ଆର୍ ସାନ ମାନଙ୍କୁ ଭଲପାଏବାର୍ ଆର୍ ଆଶୀର୍ବାଦ୍ ଦେଇଥିସୁଁ। ଇ ସୁନ୍ଦର୍ ପରମ୍ପରା ଆମର୍ ପରିବାର୍, ସମାଜ୍ ଆର୍ ଭାଇଚାରାର୍ ବନ୍ଧନ୍‌କେ, ଆହୁରି ମଜବୁତ୍ କର୍‌ସି। ୨୦୩୬ ତକ୍, ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ତକ୍, ବିକ୍‌ଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ କର୍ତ୍ତବ୍ୟ ପାଳନ୍ କରୁନ୍ ବଲି, ଆଜି ଇ ଶୁଭ୍ ଦିନ୍ ରେ ଛାତ୍ର ଛାତ୍ରୀ, ଯୁବକ୍ ଯୁବତୀ, ଶ୍ରମିକ୍ କିଶାନ୍ ଜୱାନ୍, ସମ୍‌କୁ ଅନୁରୋଧ୍ କରୁଛେଁ। ନୂଆଁଖାଇ ସମସ୍ତଙ୍କର ଜୀବନରେ, ନୂଆଁ ଆଶା ଆନି ଦେଉ। ମାଁ ସମଲେଇ, ସମସ୍ତଙ୍କର୍ ଜୀବନ ଥି ହସ୍ ଖୁସି, ସୁଖ୍ ଶାନ୍ତି, ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ।


# ରାସ୍ତା ଡିଭାଇଡର୍‌ରେ ପିଟିହୋଇ ଦୁଇ ମୃତ

ଜଟଣୀ, ୧୪।୯ (ସମିସ): ଜଟଣୀ ହରିଭାଇନା ଛକ ନିକଟରେ ରାସ୍ତା ଡିଭାଇଡରରେ ଲାଗିଥିବା ଲୁହା ବାଡ଼ରେ ଏକ ସ୍ପୋର୍ଟ୍ସ ବାଇକ ପିଟି ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଜଟଣୀ କୁଦିଆରୀ ଅଞ୍ଚଳର ଶକ୍ତିରଞ୍ଜନ ବେହେରା (୧୯) ଏବଂ ଓମପ୍ରକାଶ ସିଂ (୧୭)। ଗତକାଲି ବିଳମ୍ବିତ ରାତି ପ୍ରାୟ ୩ ଟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ନିଜ ଗାଁରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗଣେଶ ପୂଜା ପ୍ରସ୍ତୁତି ସରିବା ପରେ ଉଭୟ ଏକ ସ୍ପୋର୍ଟ୍ସ ବାଇକରେ ଦ୍ରୁତ ଗତିରେ ଜଟଣୀ ପଟରୁ ଖୋର୍ଦ୍ଧା ପଟକୁ ଯିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପୁଲିସ ସୂଚନା ଦେଇଛି । ଘଟଣା ସ୍ଥଳରେ ହିଁ ଉଭୟଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଦୁର୍ଘଟଣା ପରେ ପିସିଆର ଭ୍ୟାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଛି।




# ନୂଆଖାଇ: ପ୍ରକୃତି, ପରମ୍ପରା ଓ ଭାଇଚାରାର ମହାନ ପର୍ବ

**ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତିକ ଗଣପର୍ବ ହେଉଛି ନୂଆଖାଇ । ଆଦିବାସୀ ବହୁଳ ବଲାଙ୍ଗିର ଜିଲ୍ଲାରେ ଏହି ପର୍ବକୁ ନେଇ ସବୁଆଡ଼େ ଉତ୍ସାହ ଓ ଉନ୍ମାଦନା ଦେଖାଦେଇଛି । ଜଙ୍ଗଲ ଓ ପାହାଡ଼ ଘେରା ଏହି ଜିଲ୍ଲାବାସୀ ଆଜି ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବା ପରେ ପୁରପଲ୍ଲୀରେ ନବାନ୍ନ ଭକ୍ଷଣ କରିବେ । ନୂଆଖାଇ ସରିବା ପରେ ଆରମ୍ଭ ହେବ ଜୁହାର ଭେଟ୍‌ର ଆସର । ପରମ୍ପରା ଅନୁସାରେ ବିଭିନ୍ନ ସ୍ଥାନରେ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ।**

## ପ୍ରକୃତିର ପର୍ବ ନୂଆଖାଇ

ବଲାଙ୍ଗିର ଜିଲ୍ଲାକୁ ଚାରିପଟେ ଘେରି ରହିଛି ବଣ ଓ ପାହାଡ଼ । ଏହାରି ଭିତରେ ବସବାସ କରନ୍ତି ଅନେକ ଆଦିବାସୀ ସମ୍ପ୍ରଦାୟ। ଆଦିବାସୀ ପରମ୍ପରା ଅନୁଯାୟୀ, ଅକ୍ଷୟ ତୃତୀୟାଠାରୁ ଚାଷ କାମ ଆରମ୍ଭ ହେବା ପରେ ଆଁଟ ଜମିରେ କେତେକ ପ୍ରକାର ଧାନ ଅନ୍ୟ ଧାନ ଅପେକ୍ଷା ପ୍ରଥମେ ଅମଳ ହୋଇଥାଏ। ଏହାକୁ 'ସରିଆଁ ଧାନ' ବୋଲି କୁହାଯାଏ।

ଏହି ଧାନକୁ ଚାଷୀ ପ୍ରଥମେ ନିଜ ଇଷ୍ଟଦେବୀଙ୍କଠାରେ ଅର୍ପଣ କରିବା ପରେ ଭକ୍ଷଣ କରିଥାଏ। ଗବେଷକମାନଙ୍କ ମତରେ, ସରିଆଁ ଧାନ ପ୍ରଥମେ ଅମଳ ହେଉଥିବାରୁ ଚାଷୀ ଏହାକୁ ଇଷ୍ଟଦେବୀଙ୍କଠାରେ ଅର୍ପଣ କରିବା ସହ ନିଜକୁ ଏବଂ ନିଜ ପରିବାରକୁ ତାଙ୍କ ନିକଟରେ ସମର୍ପଣ କରିଥାଏ।

ଏହା ସହିତ ଇଷ୍ଟଦେବୀଙ୍କଠାରେ ଭୋଗ କୌଣସି ଧାତବ ପାତ୍ରରେ ନ ଲଗାଇ ପଳାସ, କେନ୍ଦୁ ଭଳି ଜଙ୍ଗଲରେ ମିଳୁଥିବା ପତ୍ରରେ ଲାଗି କରାଯାଏ। ନୂଆଖାଇର ଏହି ପରମ୍ପରାକୁ ଦେଖିଲେ ଏହା ପ୍ରକୃତିର ପର୍ବ ବୋଲି ସ୍ପଷ୍ଟ ହୁଏ। ପ୍ରକୃତିର ଉପାସକ ସଦୃଶ ବଲାଙ୍ଗିର ତଥା ସମଗ୍ର ପଶ୍ଚିମ ଓଡ଼ିଶାବାସୀ ଏହି ପର୍ବକୁ ବେଶ୍ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥାନ୍ତି।



## ଭାଇଚାରାର ପର୍ବ ନୂଆଖାଇ

ବର୍ତ୍ତମାନର ସମାଜ ଧୀରେ ଧୀରେ ସ୍ୱାର୍ଥପର ହେବାରେ ଲାଗିଛି। ବନ୍ଧୁ-ପରିଜନ ତ ଦୂରର କଥା, ନିଜ ପରିବାର ପାଇଁ ମଧ୍ୟ ମଣିଷ ପାଖରେ ସମୟର ଅଭାବ ଦେଖାଦେଇଛି। ଏଭଳି ଏକ ପରିସ୍ଥିତିରେ ପଶ୍ଚିମ ଓଡ଼ିଶାରେ ପାଳିତ ହେଉଥିବା ନୂଆଖାଇ ଭାଇଚାରାର ଏକ ଅନନ୍ୟ ବାର୍ତ୍ତା ଦେଇଥାଏ।

ପରମ୍ପରା ଅନୁଯାୟୀ, ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥାନ୍ତି। ସମସ୍ତ ରାଗ, ରୋଷ ଓ ଅଭିମାନକୁ ପଛରେ ପକାଇ ସମଗ୍ର ପରିବାର ଏକାକାର ହୋଇଯାଏ। ଏହା ସହିତ ନବାନ୍ନ ଭକ୍ଷଣ ସରିବା ପରେ ଗାଁ ଓ ସହରରେ ସମସ୍ତେ ଜୁହାର-ଭେଟ୍‌ଘାଟ ହୋଇଥାନ୍ତି। ସାନମାନେ ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ କାମନା କରିଥାନ୍ତି। ଏହି ପରମ୍ପରା ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ଦେଇଥାଏ।

## ତନ୍ତ୍ରମନ୍ତ୍ର ସାଧନାର ଝଲକ

ନୂଆଖାଇ ପର୍ବରେ ଲୋକେ ନିଜ ନିଜ ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି କରିଥାନ୍ତି। ତେବେ ପରମ୍ପରା ଅନୁଯାୟୀ, ଏହି ପର୍ବରେ ନିଜ ଇଷ୍ଟଦେବୀଙ୍କୁ ତନ୍ତ୍ରମନ୍ତ୍ର ମାଧ୍ୟମରେ ଆବାହନ କରାଯାଏ ବୋଲି ବିଶ୍ୱାସ ରହିଛି। ନୂଆଖାଇ ପୂଜା ପାଇଁ ସ୍ୱତନ୍ତ୍ର ପୂଜାବିଧି ରହିଛି। ଘରର ମୁରବୀ ହିଁ ଦେବୀଙ୍କଠାରେ ପୂଜା କରିଥାନ୍ତି।

ଦେବୀଙ୍କ ପସନ୍ଦ ଅନୁଯାୟୀ ସଫା ପତ୍ରରେ ଭୋଗ ଲାଗି କରାଯାଏ। ଏଭଳି ଅନେକ ପରମ୍ପରା ରହିଛି, ଯାହା ପଶ୍ଚିମ ଓଡ଼ିଶାବାସୀଙ୍କ ମଧ୍ୟରେ ପ୍ରଚଳିତ ଧାର୍ମିକ ବିଶ୍ୱାସ ଓ ଲୋକପରମ୍ପରାର ଗଭୀରତାକୁ ପ୍ରତିଫଳିତ କରେ।

## ନୂଆଖାଇ ପାଇଁ ପତ୍ରର ସ୍ୱତନ୍ତ୍ରତା

ନୂଆଖାଇ ପାଇଁ ରହିଥିବା ପୂଜାବିଧିରେ ବିଭିନ୍ନ ସମ୍ପ୍ରଦାୟର ଭିନ୍ନ ଭିନ୍ନ ପରମ୍ପରା ରହିଛି। କିଏ କୁରେଇ, ତ କିଏ ମହୁଲ ପତ୍ର ବ୍ୟବହାର କରିଥାନ୍ତି। ସମ୍ପ୍ରଦାୟ ଅନୁଯାୟୀ ଲୋକେ ନୂଆ ଲାଗି କରିବା ପାଇଁ ବିଭିନ୍ନ ପତ୍ର ବ୍ୟବହାର କରିଥାନ୍ତି।

ବିଶେଷ କରି କୁରେଇ, ରେଙ୍ଗାଲ, ମହୁଲ, କେନ୍ଦୁ ଓ ପଳାସ ପତ୍ରକୁ ନୂଆ ଭୋଗ ଲାଗି କରିବା ପାଇଁ ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାରେ ବ୍ୟବହାର କରାଯାଏ। ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ, ଷ୍ଟିଲ, ପିତ୍ତଳ ଓ କଂସାର ପାତ୍ର ବିଭିନ୍ନ ପୂଜାରେ ବ୍ୟବହାର କରାଯାଉଥିଲେ ମଧ୍ୟ ନୂଆଖାଇରେ ପତ୍ର ବ୍ୟବହାର କରିବା ପଛରେ ସ୍ଥାନୀୟ ଲୋକଙ୍କର ଏକ ସ୍ୱତନ୍ତ୍ର ଧାର୍ମିକ ବିଶ୍ୱାସ ରହିଛି।

ବରିଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁଯାୟୀ, ଏହି ପର୍ବରେ ସମସ୍ତେ ନିଜ ନିଜ ଇଷ୍ଟଦେବୀଙ୍କୁ ଭୋଗ ଲାଗି କରିଥାନ୍ତି। ଚାଷୀମାନେ ନିଜ ଜମିରୁ ନୂଆ ଧାନ ଆଣି ସେଥିରେ ଭୋଗ ପ୍ରସ୍ତୁତ କରିଥାନ୍ତି। ନିଜ ଇଷ୍ଟଦେବୀଙ୍କ କରୁଣା ଲାଭ କରିବା ପାଇଁ ପାତ୍ର ବଦଳରେ ପତ୍ର ବ୍ୟବହାର କରାଯାଏ।

କୁହାଯାଏ, ଭାଦ୍ରବ ଓ ଆଶ୍ୱିନ ମାସରେ କୁରେଇ, ରେଙ୍ଗାଲ, ମହୁଲ, କେନ୍ଦୁ ଓ ପଳାସ ଗଛରେ ନୂଆ ପତ୍ର ଆସିଥାଏ। ଏହି ସମୟରେ ଦେବୀଙ୍କ ଆଗମନ ହୋଇଥାଏ ଏବଂ ଏହି ପତ୍ରକୁ ଦେବୀମାନେ ପସନ୍ଦ କରନ୍ତି ବୋଲି ଲୋକବିଶ୍ୱାସ ରହିଛି। ଏହି ପତ୍ର ସଫା ଥିବା ସହ ଏଥିରେ ସାଧାରଣତଃ କୀଟପତଙ୍ଗର ଉପଦ୍ରବ ମଧ୍ୟ କମ୍ ଥାଏ। ଫଳରେ ଏହାକୁ ଇଷ୍ଟଦେବତାଙ୍କ ଭୋଗ ଲାଗି ପାଇଁ ବ୍ୟବହାର କରାଯାଏ।

ପୂର୍ବରୁ ରହିଆସିଥିବା ପରମ୍ପରା ଅନୁସାରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ଭିନ୍ନ ଭିନ୍ନ ପତ୍ର ବ୍ୟବହାର କରିଥାନ୍ତି। ସେହିପରି ନୂଆ ଭୋଗ ପାଇଁ ନୂଆ ମାଟିପାତ୍ର ବ୍ୟବହାର କରାଯାଉଥିବା ବେଳେ, ପତ୍ର ଅନୁସାରେ ସେହି ଗଛର ଡାଳକୁ ମଧ୍ୟ ଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

## ନୂଆଖାଇରେ ପାହୁର ଯାତ୍ରା



ନୂଆଖାଇ ପୂର୍ବରୁ 'ପାହୁର ଯାତ୍ରା'ର ମଧ୍ୟ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ପରମ୍ପରା ଅନୁସାରେ, ପାଟଣା ରାଜ୍ୟ ସମୟରେ ବଲାଙ୍ଗିରରେ ନୂଆ ଲାଗି କରିବା ପାଇଁ ପାହୁର ବା ଭୋଗ ସାମଗ୍ରୀ ରାଜାଘରୁ ଆସୁଥିଲା। କାଳକ୍ରମେ ଏହି ପରମ୍ପରାକୁ ସହରର କୋଶଳୀ ସାଂସ୍କୃତିକ ସଂସଦ ଆଗେଇ ନେଇଆସୁଛି।

ନବେ ଦଶକରୁ ସଂଗଠନର ମହାମନ୍ତ୍ରୀ ହିମାଂଶୁ ପାଢ଼ୀଙ୍କ ଘରୁ ପାହୁର ଯାତ୍ରା ବାହାରିଥାଏ। ପାରମ୍ପରିକ ବାଦ୍ୟ ସହିତ ନୂଆଖାଇ ପାଇଁ ଭୋଗ ସାମଗ୍ରୀ, ନୂଆ ବସ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଶୋଭାଯାତ୍ରାରେ ନେଇ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ଦୁର୍ଗାମନ୍ଦିର ସମେତ ଅନ୍ୟ ମନ୍ଦିରଗୁଡ଼ିକରେ ପ୍ରଦାନ କରାଯାଏ।


ଏହା ସହିତ ଆଉ ଏକ ପରମ୍ପରା ଅନୁସାରେ, ନୂଆଖାଇର ଦୁଇ ଦିନ ପୂର୍ବରୁ ବିଭିନ୍ନ ଶକ୍ତିପୀଠରୁ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରକୁ ଗୋପନୀୟ ଭାବେ ମଧ୍ୟ ପାହୁର ଆସିଥାଏ। ଏହି ପାହୁର ଦେବୀଙ୍କଠାରେ ଭୋଗ ଲାଗି କରାଯାଏ।

**ରିପୋର୍ଟ: ଅଭିଲାଷ ହୋତା, ଜିଲ୍ଲା ପ୍ରତିନିଧି, ବଲାଙ୍ଗିର**
































# ଆ ।ଏଲ୍ ନୂଆଁଖାଇ

ସମ୍ବଲପୁର, ୧୪।୯ (ସମିସ)

ମଙ୍ଗଳବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଚଳଚଞ୍ଚଳ ହୋଇପଡ଼ିଛି ଗାଁରୁ ସହର। ଘରଦ୍ୱାର ଲିପାପୋଛା କରି ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିର ମାନଙ୍କରେ ମଧ ରଙ୍ଗ କରିବାସହ ସିନ୍ଦୁରବୋଳା ଓ ଅଳଙ୍କାର ସଫେଇ ସରିଛି। ଗତ କିଛିଦିନ ହେଲା ବଜାରରେ ପ୍ରବଳ ଭିଡ଼। ଘରେ ଘରେ ପରିବାର ସଦସ୍ୟଙ୍କ ଭିଡ଼ ଲାଗିଲାଣି। ଦେଶ ବିଦେଶରେ ଚାକିରୀ ବା ବ୍ୟବସାୟ କରୁଥିବା ପରିବାର ସଦସ୍ୟମାନେ ସୋମବାର ସନ୍ଧ୍ୟା ସୁଦ୍ଧା ଘରକୁ ପହଞ୍ଚି ସାରିଲେଣି। ବୁଢ଼ା ବାପାମା'ଙ୍କଠାରୁ ଆରମ୍ଭ କରି ଆତ୍ମୀୟସ୍ୱଜନ ମାନେ ପରିବାର ଲୋକଙ୍କୁ ଥରେ ଦେଖିବାକୁ ଅପେକ୍ଷା କରିଥାନ୍ତି। ଛୋଟ ପିଲାଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ।

**କ୍ଷେତରେ କ୍ଷୀର ଢାଳି ପୂଜାର୍ଚ୍ଚନା କରିବ ଚାଷୀ**

**ନବାନ୍ନ ଭକ୍ଷଣ ପରେ ଜୁହାର୍ ଭେଟ୍**

ନୂଆଁଖାଇ ପୂଜାର୍ଚ୍ଚନା ପାଇଁ ସବୁଆଡ଼େ ଆବଶ୍ୟକ ସାମଗ୍ରୀର ପସରା। ନୂଆ ଧାନ, କୁରେଇ ପତ୍ର ଓ ଦନା, ସାରୁ ଶାଗ, ମାଖନ ଶାଗ ଆଦି ବିକ୍ରୟ ହେଉଛି। ରାଖି ପିନ୍ଧାଇବା ପାଇଁ ରାଖି କିଣୁଥିବା ଦେଖାଯାଉଛି। ଘରେ ଘରେ ଠାକୁରଙ୍କ ବସ୍ତ୍ର ମଧ ନୂଆଁଖାଇ ଅବସରରେ ବଦଳାଇ ନୂଆଁ ବସ୍ତ୍ରରେ ଠାକୁରଙ୍କୁ ସଜ୍ଜିତ କରାଯାଇଥାଏ। ଏଣୁ ଠାକୁର ସାମଗ୍ରୀ ମିଳୁଥିବା ଦୋକାନରେ ଭିଡ଼। ନୂଆଁଖାଇ ଦିନ ସମସ୍ତେ ଇଷ୍ଟ ଦେବତା ଓ ଇଷ୍ଟ ଦେବୀଙ୍କ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା କରିଥାନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେଠାକାର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ଲଗ୍ନ ଅନୁଯାୟୀ ନବାନ୍ନ ଲାଗି ହେବାପରେ ଘରେ ଠାକୁରଙ୍କୁ ଭୋଗ ଲଗାଇ ନୂଆଁ ଖାଇଥାନ୍ତି। ଏହାପରେ 'ଜୁହାର୍ ଭେଟ୍' ହୋଇଥାଏ। ନୂଆଁ ଖାଇବା ପରେ ପ୍ରଥମେ ଇଷ୍ଟ ଦେବୀଙ୍କୁ ମୁଣ୍ଡିଆ ମାରିବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥାନ୍ତି। ଗାଁମାନଙ୍କରେ କ୍ଷେତରେ ପୂଜାର୍ଚ୍ଚନା କରି ଚାଷୀ ପରିବାରର ସଦସ୍ୟମାନେ କ୍ଷୀର ଢାଳିଥାନ୍ତି। ଏହି ଅନନ୍ୟ ପରମ୍ପରାକୁ 'ଗୁରସ୍ ରୁକା' କୁହାଯାଇଥାଏ। ଏହାପରେ ଗ୍ରାମାଞ୍ଚଳରେ ଅନେକ ସ୍ଥାନରେ ଗାଁର ସମସ୍ତ ପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି।


ପଣ୍ଡିତମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଲଗ୍ନରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ପରେ



ସମ୍ବଲପୁର ତଥା ଅଞ୍ଚଳବାସୀ ନୂଆ ଖାଇବେ। ନୂଆଁଖାଇ ଦିନ ସନ୍ଧ୍ୟାରେ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ମାରୱାଡି ଯୁବା ମଞ୍ଚ, ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଳା ଯୁବକ ସଂଘ ଓ ସମଲେଶ୍ୱରୀ ଯୁବକ ସଂଘ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ନୂଆଁଖାଇ ଭେଟ୍‌ଘାଟ୍' କାର୍ଯ୍ୟକ୍ରମ ଆୟୋଜିତ ହେବ।


# ଆଜି ୯:୪୦ ରୁ ୯:୫୪ ମଧ୍ୟରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠ ଏବେ ଚଳଚଞ୍ଚଳ। ନୂଆଁଖାଇ ଦିନ ମଙ୍ଗଳବାର ବଡ଼ିଭୋରରୁ ମା'ଙ୍କ ସ୍ନାନ ଆଦି ରୀତିନୀତି ପରେ ବେଶଭୂଷା କରାଯିବ। ମା' ସମଲେଶ୍ୱରୀଙ୍କ ସମ୍ବଲପୁରୀ ପାଟବସ୍ତ୍ର ଓ ପାର୍ଶ୍ୱ ଦେବାଦେବୀଙ୍କ ନୂତନବସ୍ତ୍ର ବ୍ୟବସ୍ଥା କରାଯାଇଛି। ଗଣପର୍ବ 'ନୂଆଁଖାଇ'ରେ ଏଠାରେ ଭୋଗଲାଗି ହେବାପରେ ସମଗ୍ର ଅଞ୍ଚଳ ତଥା ପଶ୍ଚିମ ଓଡ଼ିଶାବାସୀ ନବାନ୍ନ ଗ୍ରହଣ କରିବେ। ଗତ ନନ୍ଦୋତ୍ସବ ଅବସରରେ, ଝାଡ଼ୁଆପଡ଼ାସ୍ଥିତ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ, ପଣ୍ଡିତ ମାନଙ୍କ ବୈଠକରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ମଙ୍ଗଳବାର ପୂର୍ବାହ୍ନ ୯ଟା ୪୦ ମିନିଟ୍‌ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଅର୍ପଣ ପାଇଁ ଶୁଭ ଲଗ୍ନ ନିର୍ଦ୍ଧାରିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୦ ତାରିଖ ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ବଲବସପୁରର ଚାଷୀ ସୁବାସ ବେହେରା ମା' ସମଲେଶ୍ୱରୀ ପୀଠରେ ନବାନ୍ନଲାଗି ପାଇଁ ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଅର୍ପଣ କରିଥିଲେ। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳର ଇଷ୍ଟଦେବୀଙ୍କ ଲଗ୍ନ ଅନୁଯାୟୀ ନବାନ୍ନ ସମୟ ନିର୍ଦ୍ଧାରଣ କରାଯାଇଥାଏ। ସମଲେଶ୍ୱରୀ ମନ୍ଦିର ପରିସରରେ ଥିବା ୧୧୫ ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୂରବୋଳା କାମ ସରିଛି। ଏହାପରେ ମା'ଙ୍କ ସୁନା ଓ ରୂପା ଅଳଙ୍କାର ସଫା କରାଯିବାସହ ମା'ଙ୍କ ରୂପା ଛତର ଓ ଅନ୍ୟ ଆଭୂଷଣ ସଫା କରାଯାଇଛି।
















ସକାଳ
THE SAKALA

# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡୁ କ୍ରିଷ୍ଣମୂର୍ତ୍ତି

## ଡଲାର-ଲକ୍ଷ୍ମଣରେଖା

ଭାରତ ଭୂମିରେ ସଦ୍ୟସମାପ୍ତ ବ୍ରିକ୍ସ ଶିଖର ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ଅନେକ ଆଶା ସଞ୍ଚାର ହୋଇଥିଲା। ମୁଖ୍ୟତଃ ବିଶ୍ୱ ବାଣିଜ୍ୟରେ ଆଧିପତ୍ୟ ବିସ୍ତାର କରିଥିବା ଆମେରିକୀୟ ମୁଦ୍ରା ଡଲାରର ସମାନ୍ତରାଳ ଭାବେ ବ୍ରିକ୍ସ ମୁଦ୍ରା ପ୍ରଚଳନ ଘୋଷଣାକୁ ନେଇ ବିଶ୍ୱସ୍ତରୀୟ ଦୃଷ୍ଟି ଭାରତ ଉପରେ ନିବଦ୍ଧ ଥିଲା। କିନ୍ତୁ ସେପରି କିଛି ହୋଇନାହିଁ। ଅଧିକନ୍ତୁ ଆତଙ୍କବାଦ ବିରୋଧରେ ମିଳିତ ସଂଗ୍ରାମ ଓ ସହଯୋଗ, ଆନ୍ତଃବାଣିଜ୍ୟରେ ପାଶ୍ଚାତ୍ୟ ପ୍ରଭାବକୁ ଯଥାସମ୍ଭବ ହ୍ରାସ ଭଳି କେତେକ ଔପଚାରିକ ଓ ଅବାସ୍ତବ ଘୋଷଣାରେ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ଚୀନ୍ ଓ ଭାରତ ମଧ୍ୟସ୍ଥତା କରିବେ ବୋଲି ପ୍ରସ୍ତାବ ପାରିତ ହୋଇଛି, ଯେଉଁଥିରେ ବାସ୍ତବତା ଆଦୌ ଦେଖାଯାଉନାହିଁ। ଏହାପଛର କାରଣ ତାଲିକା ବହୁଦୀର୍ଘ। ଅପରପକ୍ଷରେ ଇରାନ୍, ସାଇଦି ଆରବ, ୟୁଏଇ ଆଦି ରାଷ୍ଟ୍ରର ରାଷ୍ଟ୍ର ଓ ଶାସନ ମୁଖ୍ୟମାନେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ମଧ୍ୟ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କଥା ଆଦୌ ଉଠିନାହିଁ। ଏଥିପାଇଁ ଏକ ଭଲ ସୁଯୋଗ ଥିଲା। ତେଣୁ ବ୍ରିକ୍ସ ସମ୍ମିଳନୀକୁ ବହ୍ୱାଡ଼ମ୍ବରରେ ଲଘୁକ୍ରିୟା ଭାବରେ ବର୍ଣ୍ଣନା କଲେ ଭୁଲ୍ ହେବ ନାହିଁ। ସର୍ବୋପରି ଏଥିରୁ ଭାରତୀୟ ଜନସାଧାରଣ କିମ୍ବା ବ୍ରିକ୍ସ ନିବାସୀ କିଛି ଲାଭ ପାଇବା ପରି ଲାଗୁନାହିଁ।

ଏସବୁର ଉର୍ଦ୍ଧ୍ୱରେ ବ୍ରିକ୍ସର ମୁଖ୍ୟ ଆକର୍ଷଣ ବ୍ରିକ୍ସ ମୁଦ୍ରା କଥା ଆଲୋଚନା କରାଯାଉ। ବ୍ରିକ୍ସର ସଦସ୍ୟ ରାଷ୍ଟ୍ର ରୁଷ୍ ଓ ଚୀନ୍ ଡଲାର ବିହୀନ ବାଣିଜ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ବ୍ରାଜିଲ୍ ଏ ସମ୍ପର୍କରେ ନିର୍ଭୟରେ ଘୋଷଣା ମଧ୍ୟ କରିସାରିଛି। କିନ୍ତୁ ଭାରତ ଏ ସମ୍ପର୍କରେ ସ୍ପଷ୍ଟ ମତ ରଖୁନାହିଁ କି ଡଲାରମୁକ୍ତ ବାଣିଜ୍ୟ ସପକ୍ଷରେ ମତ ଦେଇନାହିଁ। ଏହାପଛରେ ଟ୍ରମ୍ପଙ୍କ ଭୟ ନା ଅନ୍ୟକିଛି ବାଧ୍ୟବାଧକତା ରହିଛି ତାହା ଆଲୋଚନାସାପେକ୍ଷ। ଏହି ସଂଗଠନରେ ଭାରତ ଦ୍ୱିତୀୟ ବୃହତ୍ ଅର୍ଥନୀତି। ତେଣୁ ଭାରତର ମତ ଓ ନୀତିଗତ ନିଷ୍ପତ୍ତି ଅନେକ ପ୍ରାସଙ୍ଗିକତା ବହନ କରୁଛି।

ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତ ଆଗରେ ଡଲାର ଆକାରରେ ଭୂରାଜନୀତି ଓ କୂଟନୀତିର ଯେଉଁ ଲକ୍ଷ୍ମଣରେଖାଟି ଆମେରିକା ଟାଣି ଦେଇଛି ତାହାକୁ ଅତିକ୍ରମ କରିବା ଭାରତ ପାଇଁ ଏତେ ସହଜ ନୁହେଁ। କିଛିଦିନ ତଳେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଲକ୍ଷ୍ମଣରେଖାକୁ ଆହୁରି ଗାଢ଼ କରିଦେଇଛନ୍ତି। ୱାଶିଂଟନ୍‌ଠାରେ ଏକ ବୈଠକରେ ସେ ସ୍ପଷ୍ଟ କରିଛନ୍ତି ଯେ ଡଲାର ଉପରେ ନିର୍ଭରଶୀଳତା ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥାଇପାରେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ଭାରତ ଡଲାର ବିକଳ୍ପ ଚିନ୍ତା କରିବ। ଅଧିକନ୍ତୁ ଭାରତୀୟ ଅର୍ଥନୀତି, ରାଜନୀତି ଓ ରଣନୀତି ପାଇଁ ଡଲାର ଏକ ଆହ୍ୱାନ ନୁହେଁ ବୋଲି ଜୟଶଙ୍କର ସ୍ପଷ୍ଟ କଲା ପରେ ବ୍ରିକ୍ସ ସମ୍ମିଳନୀରୁ ଡଲାର ବିହୀନ ବାଣିଜ୍ୟ ଘୋଷଣାର ଆଉ ଅବକାଶ ହିଁ ପ୍ରାୟ ନଥିଲା କହିଲେ ଚଳେ। ଏହାଛଡ଼ା ବ୍ରିକ୍ସରେ ଏବେ ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦି ଆରବ, ୟୁଏଇ ଆଦି ଦେଶ ସଦସ୍ୟ ହୋଇସାରିଛନ୍ତି। ତେଣୁ ସେମାନେ ଆଦୌ ଡଲାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମ୍ଭାବନା ହିଁ ନାହିଁ। ଏହି ଦୃଷ୍ଟିରୁ ବ୍ରିକ୍ସ ସମ୍ମିଳନୀ କେବଳ ଏକ ଔପଚାରିକତାରେ ସୀମିତ ହେବା ସ୍ୱାଭାବିକ।

ଏହାଛଡ଼ା ଏକ ଆଞ୍ଚଳିକ ମୁଦ୍ରା ପ୍ରଚଳନ ପାଇଁ ଯେଉଁ ଗୋଷ୍ଠୀଗତ ଓ ରାଜନୈତିକ ଏକତା ଆବଶ୍ୟକ ତାହାର ପ୍ରସ୍ତୁତି ମଧ୍ୟ ବ୍ରିକ୍ସରେ ଆରମ୍ଭ ହୋଇନାହିଁ। ବ୍ରିକ୍ସ ବ୍ୟାଙ୍କର କାର୍ଯ୍ୟକଳାପ କେବଳ କାଗଜକଲମରେ ଅଟକି ରହିଯାଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟରେ ଡଲାର ବିକଳ୍ପ ହିଁ ନାହିଁ କହିଲେ ଚଳେ। ଡଲାର ବିକଳ୍ପ ମଧ୍ୟ ଏତେ ସହଜ ନୁହେଁ। ଅନେକ କସରତ ଓ ବର୍ଷବର୍ଷର ବିଚାରବିମର୍ଶ ପରେ ୟୁରୋପୀୟ ସଂଘ ଦେଶ ମଧ୍ୟରେ ଏକକ ମୁଦ୍ରା ୟୁରୋ ପ୍ରଚଳନ ହେବା ପରେ ଯେଉଁ ଆର୍ଥିକ ସମସ୍ୟା ସୃଷ୍ଟି ହେଲା ଏବଂ ଗ୍ରୀସ୍ ପ୍ରାୟତଃ ଦେବାଳିଆ ହୋଇଗଲା ସେ ପରିସ୍ଥିତି ବ୍ରିକ୍ସରେ ସୃଷ୍ଟି ହେବା ପାଇଁ ବିଶେଷ ବିଳମ୍ବ ହେବ ନାହିଁ। କେବଳ ଭାରତର ବାଧ୍ୟବାଧକତାକୁ ଦେଖାଯାଉ। ଭାରତ-ରୁଷ୍ ମଧ୍ୟରେ ଡଲାରକୁ ବାଦ୍ ଦେଇ ଉଭୟ ଦେଶର ମୁଦ୍ରାରେ ବାଣିଜ୍ୟ ପାଇଁ ଚୁକ୍ତି ହେବା ପରେ ଏବେ ରୁଷ୍ ପାଖରେ ଯେତିକି ଭାରତୀୟ ଟଙ୍କା ଗଚ୍ଛିତ ହେଲାଣି ତାହାକୁ ନେଇ ସେ ଦେଶ ଚିନ୍ତାରେ ପଡ଼ିଯାଇଛି। ତେଣୁ ଏବେ ପୁଣି ଥରେ ଡଲାର ହିଁ ବିନିମୟର ମାଧ୍ୟମ କରିବାକୁ ଦୁଇ ଦେଶ ବାଧ୍ୟ ହୋଇଛନ୍ତି। ଆହୁରି ମଧ୍ୟ ବ୍ରିକ୍ସ ସଦସ୍ୟ ଦେଶଙ୍କ ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ପ୍ରାୟ ୨୨୬ ବିଲିୟନ ଡଲାର। ଭାରତ ଯଦି ଡଲାରମୁକ୍ତ ବାଣିଜ୍ୟକୁ ସ୍ୱୀକୃତି ଦେବ ତେବେ ଏହି ପରିମାଣର ଡଲାର ବିନିମୟ ବନ୍ଦୋବସ୍ତ ହେବା ଦୁରୂହ ବ୍ୟାପାର।

ଭାରତର ଆଉ ଏକ ବିବଶତା ହେଲା ସେ ବ୍ରିକ୍ସ ସମେତ ଆମେରିକା ସହିତ କ୍ୱାଡ୍ ଏବଂ ଜି-୭ର ସଦସ୍ୟ ରହିଛି। ତେଣୁ ଡଲାରକୁ ଏତେଶୀଘ୍ର ବିଦାୟ ଦେବାର ସମ୍ଭାବନା କ୍ଷୀଣ। ସର୍ବୋପରି ବ୍ରିକ୍ସକୁ ଅଣଆମେରିକୀୟ ଭାବେ ଟ୍ରମ୍ପ ଅଭିହିତ କରୁଥିବାରୁ ଡଲାର ବିକଳ୍ପ ଘୋଷଣା ସ୍ଥଗିତ ପଛରେ ଟ୍ରମ୍ପଙ୍କ ଭୟ ଯେତିକି ରହିଛି, ବ୍ରିକ୍ସର ସଦସ୍ୟ ସମାପ୍ତ ସମ୍ମିଳନୀରୁ ଟ୍ରମ୍ପଙ୍କ ଆଶ୍ୱସ୍ତି ତା'ଠାରୁ ଅଧିକ ହୋଇଛି।

# ବିଦ୍ୟାଳୟରେ ଭୂତଭୟ!

**ଅବଶ ପରିଡ଼ା**

ଭୂତ ଅଦୃଶ୍ୟ, କିନ୍ତୁ ଭୂତର ଭୟ ସାମାଜିକ ଭାବେ ସ୍ପଷ୍ଟ ଓ ଦୃଶ୍ୟମାନ। କିଛି ଦିନ ତଳର ଘଟଣା। ନବମ ଓ ଦଶମ ଶ୍ରେଣୀର ସାତଜଣ ଝିଅ ସ୍କୁଲ ଯିବା ବାଟରେ ଅଚେତ ହୋଇଗଲେ ଏବଂ ଅସାମାନ୍ୟ ଆଚରଣ ପ୍ରଦର୍ଶନ କଲେ। ଛାତ୍ରୀଙ୍କ ଏହି ଅସ୍ୱାଭାବିକ ବ୍ୟବହାରକୁ ଭୂତର ପ୍ରକୋପ ଭାବେ ସାଧାରଣରେ ଆଲୋଚନା ଆରମ୍ଭ ହୋଇଗଲା। ବିଦ୍ୟାଳୟରେ ଭୂତ ଅଛି - ଏହି ଧାରଣା ହୋଇଗଲା ବ୍ୟାପକ। ଫଳସ୍ୱରୂପ ଅନ୍ୟ ବିଦ୍ୟାର୍ଥୀମାନେ ବିଦ୍ୟାଳୟ ଯିବା ବନ୍ଦ କରିଦେଲେ। ପରିସ୍ଥିତି ଏପରି ହେଲା ଯେ ଡାକ୍ତର ଓ ପ୍ରଶାସକଙ୍କ ହସ୍ତକ୍ଷେପ ଲୋଡ଼ାଗଲା। ଡାକ୍ତରୀଦଳ ଛାତ୍ରୀମାନଙ୍କୁ ପରୀକ୍ଷା କରି ଜଣାଇଲେ ଯେ ଏହି ଘଟଣାଗୁଡ଼ିକ କୌଣସି ଅପ୍ରାକୃତିକ କାରଣ ଦ୍ୱାରା ନୁହେଁ ବରଂ ମାନସିକ ଚାପ ଯୋଗୁଁ ହୋଇଛି। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଭୂତ ଗୁଜବ ଏଡ଼ାଇବାକୁ ପ୍ରଶାସନ ପରାମର୍ଶ ଦେଇଥିଲେ।

ଘଟଣାଟି କେବଳ ଓଡ଼ିଶାର ଗୋଟିଏ ସ୍କୁଲ କିମ୍ବା ଅଞ୍ଚଳର ନୁହେଁ। ଭାରତରେ ଅନେକ ସ୍କୁଲ, ହଷ୍ଟେଲ ଓ ପରିବାରରେ ଏହିପରି ଘଟଣା ରିପୋର୍ଟ କରାଯାଇଛି। ଯେଉଁଠାରେ ମୂର୍ଚ୍ଛା ହେବା, ଥରିବା, କାନ୍ଦିବା କିମ୍ବା ଅସ୍ୱାଭାବିକ ଆଚରଣ ଓ ଲକ୍ଷଣଗୁଡ଼ିକୁ ଭୂତର ନିୟନ୍ତ୍ରଣ, ପ୍ରେତାତ୍ମାର ଆକ୍ରମଣ କିମ୍ବା ଅଲୌକିକ ପ୍ରଭାବ ଭାବରେ ବ୍ୟାଖ୍ୟା କରାଯାଇଛି। ଅନେକ କ୍ଷେତ୍ରରେ, ଡାକ୍ତରୀ ତଦନ୍ତ ପରେ ଏସବୁ ମାନସିକ ଚାପ, ସାମୂହିକ ମାନସିକ ରୋଗ କିମ୍ବା ମାନସିକ ଆଘାତଜନିତ ସମସ୍ୟାର ଲକ୍ଷଣ ବୋଲି ଜଣାପଡ଼ିଛି। ତେଣୁ ଚିକିତ୍ସାଗତ କାରଣ ଚିହ୍ନଟ ସହିତ ଆମକୁ ଜାଣିବାକୁ ହେବ ଯେ ଭୂତ ଭୟ ପରି ଏକ ଅସ୍ପଷ୍ଟ ଘଟଣାକୁ ସାମୂହିକ ଭାବେ ଏକ ନିର୍ଦ୍ଦିଷ୍ଟ ଉପାୟରେ କିପରି ଓ କାହିଁକି ବ୍ୟାଖ୍ୟା କରାଯାଏ।

ଯଦିଓ ଏହା ଶାରୀରିକ ଭାବରେ ସତ୍ୟ ନୁହେଁ, କିନ୍ତୁ ଭୂତ ହେଉଛି ଏକପ୍ରକାର ସାମାଜିକ ବାସ୍ତବତା ବୋଲି ଅନେକ ସାମାଜିକ ବିଶାରଦ ବିଶ୍ୱାସ କରନ୍ତି। ସରଳରେ ଏହାର ଅର୍ଥ ହେଉଛି ଯେ ସମ୍ପୂର୍ଣ୍ଣ ଗୋଷ୍ଠୀ ବା ଅଞ୍ଚଳର ଆଚରଣକୁ ପ୍ରଭାବିତ କରିବା ପାଇଁ ଭୂତର ବିଶ୍ୱାସ ଓ ଭୟ ଏକ ଯଥେଷ୍ଟ ଶକ୍ତିଶାଳୀ ଉପାଦାନ ହୋଇପାରେ। ଯଦି କେହି ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଭୂତପ୍ରବଣ, ତେବେ ଭୟ, ଶାରୀରିକ ଲକ୍ଷଣ, ପରିହାର ଏବଂ ଏପରିକି ଅସ୍ୱସ୍ତିକର ଅନୁଭବ କରିବା ହେଉଛି ଏକ ସାଧାରଣ ମାନସିକ ଆଚରଣ। ତେଣୁ ଭୂତର ଅସ୍ତିତ୍ୱ ଓ ତଦ୍‌ଜନିତ ଅଲୌକିକ ଦାବିଟି ହୁଏତ ବିଜ୍ଞାନସମ୍ମତ ପ୍ରମାଣିତ ହୋଇ ନ ପାରେ, କିନ୍ତୁ ଏହାକୁ ବିଶ୍ୱାସ କରିବାର ସାମାଜିକ ପରିଣାମ କେବଳ ଦୃଶ୍ୟମାନ ନୁହେଁ ବରଂ ଲୋକପ୍ରିୟ।

ପୁଣି ଫେରିବା ସେହି ଭୂତ ଭୟରେ ବନ୍ଦ ହୋଇଥିବା ବିଦ୍ୟାଳୟକୁ। ରିପୋର୍ଟ ଅନୁଯାୟୀ ବିଦ୍ୟାର୍ଥୀମାନେ ଅଳ୍ପସମୟ ମଧ୍ୟରେ ସମାନ ଘଟଣା ଅନୁଭବ କରିଥିଲେ। ତା'ପରେ ଅନ୍ୟ ପିଲାମାନଙ୍କ ମଧ୍ୟରେ ଏହି ଭୟ ଦେଖାଦେଇଥିଲା। ସମାଜଶାସ୍ତ୍ରରେ ଏହି ଭୟର ସାମାଜିକ ସଂକ୍ରମଣ ଏବଂ ଏହା କେଉଁ ମାଧ୍ୟମରେ ଯାତ୍ରା କରେ ସେ ବିଷୟରେ ଉଲ୍ଲେଖ ଅଛି। ପ୍ରଥମ ହେଉଛି ବ୍ୟକ୍ତିର ଅନୁଭୂତି। ଏହାକୁ ସହପାଠୀ ବା ସହକର୍ମୀମାନେ ଲକ୍ଷ୍ୟ କରନ୍ତି। ପରବର୍ତ୍ତୀ ସମୟରେ ଏହା ଆଲୋଚନା ହୁଏ ଏବଂ ବ୍ୟାଖ୍ୟାରେ ପରିଣତ ହୁଏ। ବ୍ୟାଖ୍ୟାଟି ଗୁଜବରେ ଅତିଶୀଘ୍ର ପରିଣତ ହୁଏ ଏବଂ ସାମାଜିକ ସ୍ତରରେ ଗୁଜବଟି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ସାମୂହିକ ଆପେକ୍ଷିକ ବ୍ୟବହାର ହୋଇଯାଏ। ଫଳସ୍ୱରୂପ ଅଧିକ ଭୟର ପରିବେଶ ସୃଷ୍ଟି ହୁଏ। ଏହା ନିଜ ପ୍ରଭାବରେ ନିଜେ ବୃଦ୍ଧି ପାଉଥିବା ଏକ ଘଟଣା ଓ ଆଲୋଚନା ହୋଇଯାଏ। ଅନେକ ଜାଗାରେ ଗୋଷ୍ଠୀଗତ ଭୂତଭୟକୁ 'ଡୋମିନୋ ଇଫେକ୍ଟ'ରେ ନାମିତ କରାଯାଏ।

ସମାଜବିଜ୍ଞାନୀ ଏମିଲ୍ ଡୁର୍କହାଇମ୍‌ଙ୍କ 'ସାମୂହିକ ପ୍ରତିନିଧିତ୍ୱ'ର ଧାରଣା ଏଠାରେ ବିଶେଷ ଉପଯୋଗୀ। ଏହାର ଅର୍ଥ - ସମାଜ ଏପରି କିଛି ସାଧାରଣ ଧାରଣା, ପ୍ରତୀକ ଓ ବିଶ୍ୱାସ ସୃଷ୍ଟି କରେ, ଯାହା ମାଧ୍ୟମରେ ଲୋକମାନେ ନିଜ ଦୁନିଆକୁ ବୁଝିଥା'ନ୍ତି ବା ଅର୍ଥ ପ୍ରଦାନ କରିଥା'ନ୍ତି। ବିଦ୍ୟାଳୟ କେବଳ ଏକ ଭୌତିକ କୋଠାଘର ନୁହେଁ। ଛାତ୍ରଛାତ୍ରୀଙ୍କ ପାଇଁ ଏହା ହେଉଛି ଏକ ପ୍ରତୀକାତ୍ମକ ସ୍ଥାନ, ଯେଉଁଥିରେ ପିଲାମାନେ କାହାଣୀ, ଗୁଜବ, ସ୍ମୃତି, ଭୟ, ଆଚାର-ଅନୁଷ୍ଠାନ, ସ୍ଥାନୀୟ ବିଶ୍ୱାସ ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଘଟଣାକୁ ନିଜ ଅନୁଭୂତିରେ ସାଉଁଟି ରଖନ୍ତି। ତେଣୁ ଯଦି କୌଣସି ନିର୍ଦ୍ଦିଷ୍ଟ କୋଠା, ଗଛ, ରାସ୍ତା କିମ୍ବା ସ୍ଥାନ ଭୂତ-ପ୍ରେତଙ୍କ ସହ ଜଡ଼ିତ ହୋଇଯାଏ, ସେହି ସମ୍ପର୍କ ଏକ ସାମୂହିକ ଅର୍ଥ ବହନ କରିପାରେ। ଯେତେବେଳେ ଆମେ କୌଣସି ଏକ ଦ୍ୱିଧାଜନକ ବା ଅସ୍ପଷ୍ଟତାରେ ପୂର୍ଣ୍ଣ ଘଟଣାର ସମ୍ମୁଖୀନ ହେଉ, ସେତେବେଳେ ଆମେ ଏହାର ଏକ ବ୍ୟାଖ୍ୟା ଖୋଜୁ। ଯଦି ଏଥିରେ ବୈଜ୍ଞାନିକ ସୂଚନା ବା ଯୁକ୍ତିଯୁକ୍ତ କାରଣ ଅନୁପସ୍ଥିତ ଥାଏ, ତେବେ ଗୁଜବ ଏହି ବ୍ୟାଖ୍ୟାମୂଳକ ଶୂନ୍ୟସ୍ଥାନ ପୂରଣ କରିଦିଏ। ଉଦାହରଣ ସ୍ୱରୂପ, ଜଟିଳ ଅଲୌକିକ ବ୍ୟାଖ୍ୟାର ଗୁଜବ କ୍ଷେତ୍ରରେ 'ଭୂତ ଅଛି' ହେଉଛି ଏକ ସରଳ ଉତ୍ତର।

ଏଠାରେ ପ୍ରଶ୍ନ ଆସିପାରେ ଯେ କିଶୋରୀମାନେ କାହିଁକି ଅଧିକ ପ୍ରଭାବିତ ହୁଅନ୍ତି? ଯଥେଷ୍ଟ ବୈଜ୍ଞାନିକ ଓ ମନସ୍ତାତ୍ତ୍ୱିକ ପ୍ରମାଣରୁ ଜଣାପଡ଼େ ଯେ ପୁରୁଷଙ୍କ ତୁଳନାରେ ବାଳିକା ଓ ମହିଳାମାନେ ଅଧିକ ଭୟ ଅନୁଭବ କରନ୍ତି ଏବଂ ପ୍ରାୟ ଦ୍ୱିଗୁଣ ହାରରେ ଉଦ୍‌ବେଗଜନିତ ସମସ୍ୟା(ଏଙ୍ଗଜାଇଟି ଡିସଅର୍ଡର)ର ଶିକାର ହୁଅନ୍ତି। ଦ୍ୱିତୀୟ କଥାଟି ହେଉଛି ଭୟ ଓ ମାନସିକ ଅସ୍ଥିରତାର ପ୍ରକାଶଭଙ୍ଗୀକୁ ରୂପ ଦେବାରେ କିଶୋର ଅବସ୍ଥା, ଲିଙ୍ଗଗତ ସାମାଜିକୀକରଣ, ଅନୁଷ୍ଠାନିକ ଚାପ ଓ ସାଂସ୍କୃତିକ ବିଶ୍ୱାସ ପରସ୍ପର ସହ ଜଡ଼ିତ। ଏହାବ୍ୟତୀତ ଭୂତ ଭୟ, ଯାହାକୁ ବୈଜ୍ଞାନିକ ଭାବରେ 'ଫାସ୍ମୋଫୋବିଆ' କୁହାଯାଏ, ବ୍ୟାଖ୍ୟା କରେ ଯେ ଏହା ଏକ ଅତିପ୍ରାଚୀନ ଘଟଣା ନୁହେଁ, ବରଂ ଏକ ବିବର୍ତ୍ତନବାଦୀ, ମନସ୍ତାତ୍ତ୍ୱିକ ଓ ସ୍ନାୟୁଗତ କ୍ରିୟାପ୍ରଣାଳୀରୁ ଉତ୍ପନ୍ନ ହୋଇଥିବା ଭୟ। ଭୂତ-ପ୍ରେତ ଓ ଆତ୍ମା ଭଳି ଅଭୌତିକ ଘଟଣାବଳୀ ସମ୍ବନ୍ଧୀୟ ଭୟ ଓ ବିଶ୍ୱାସ କ୍ଷେତ୍ରରେ ମହିଳାମାନେ ଅଧିକ ପ୍ରଭାବିତ ହୁଅନ୍ତି।

ନାରୀବାଦୀ ତତ୍ତ୍ୱବାଦୀଙ୍କ ଅନୁସାରେ କୌଣସି ସାମାଜିକ ଚାପରେ ଭାଙ୍ଗି ପଡ଼ିବାର ଗୋଟିଏ ଝିଅକୁ ଦେଖି ଅନ୍ୟ ଝିଅମାନେ ନିଜକୁ ତାହା ସହ ତୁଳନା କରନ୍ତି। କାରଣ ସେମାନେ ମଧ୍ୟ ସମାନ ପ୍ରକାର ସାମାଜିକ ଆଶା ଓ ଚାପର ଶିକାର ହେଉଛନ୍ତି ବୋଲି ବିଶ୍ୱାସ କରନ୍ତି। ସେମାନଙ୍କର ଏହି ଚାପ ଗୋଷ୍ଠୀ ମାଧ୍ୟମରେ ବ୍ୟାପିପାରେ, ଯାହା ଏକ ବ୍ୟକ୍ତିଗତ ଅବସାଦକୁ ସାମୂହିକ ଅଭିବ୍ୟକ୍ତିରେ ପରିଣତ କରେ। ଯେତେବେଳେ ଏକ ସାମାଜିକ ବ୍ୟବସ୍ଥା ଯୁବତୀ, ମହିଳା ଓ କିଶୋରୀମାନଙ୍କୁ ସେମାନଙ୍କ ମାନସିକ ଚାପ ବିଷୟରେ ମୁକ୍ତ ଭାବେ ପ୍ରକାଶ କରିବାର ସୁଯୋଗ କିମ୍ବା ଅଧିକାର ଦିଏନାହିଁ, ସେତେବେଳେ ସେମାନଙ୍କ ମନ ଓ ଶରୀର ଏହାକୁ ବ୍ୟକ୍ତ କରିବା ପାଇଁ ଏକ ବିକଳ୍ପ ତଥା ଅନିୟନ୍ତ୍ରିତ ପନ୍ଥା ବାଛିନିଏ। ଏହାକୁ 'ସୋମାଟାଇଜେସନ୍' କୁହାଯାଏ। ଏହାର ଅର୍ଥ ହେଉଛି ଶାରୀରିକ ଲକ୍ଷଣ ମାଧ୍ୟମରେ ମାନସିକ ଓ ସାମାଜିକ ଦୁଶ୍ଚିନ୍ତା ବା କଷ୍ଟର ପ୍ରକାଶ କରିବା। ତେଣୁ ଯାହା ଅଯୌକ୍ତିକ ଆଚରଣ ପରି ମନେହୁଏ, ତାହା କେତେକ କ୍ଷେତ୍ରରେ ପ୍ରକୃତ ଯନ୍ତ୍ରଣାର ଏକ ସାମାଜିକ ଭାବେ ଗଠିତ ଅଭିବ୍ୟକ୍ତି ହୋଇପାରେ।

ସ୍କୁଲରେ ଭୂତଭୟକୁ କେବଳ ଅନ୍ଧବିଶ୍ୱାସ କହି ଖାରଜ କରିଦେଲେ କିମ୍ବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିକ୍ରିୟା ପାଇଁ ଦାୟୀ କରିଦେଲେ ହେବ ନାହିଁ। ଏଗୁଡ଼ିକ ହେଉଛି ସାମାଜିକ, ଭାବପ୍ରବଣ ଓ ସାଂଗଠନିକ ଚାପର ସଙ୍କେତ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଭୟ ପରିଚାଳନା ସହ ସାମାଜିକ ନିବାରଣ ଆବଶ୍ୟକ। ବିଦ୍ୟାଳୟଟି ଏପରି ହେବା ଉଚିତ, ଯେଉଁଠାରେ ଛାତ୍ରଛାତ୍ରୀମାନେ ନିରାପଦରେ ନିଜ ଚିନ୍ତା, ଘର କଥା, ଶିକ୍ଷାଗତ ଚାପ ଏବଂ ବ୍ୟକ୍ତିଗତ ଅସୁବିଧାକୁ କୌଣସି ବିନାସଙ୍କୋଚରେ ପ୍ରକାଶ କରିପାରିବେ। ପରାମର୍ଶଦାତାମାନଙ୍କ ସହିତ, ଶିକ୍ଷକ ତାଲିମ, ଅଭିଯୋଗ ପ୍ରଣାଳୀ, ସହକର୍ମୀ-ସହାୟତା ଗୋଷ୍ଠୀ ଏବଂ ଗୋପନୀୟ ରିପୋର୍ଟିଂ ଭଳି ବ୍ୟବସ୍ଥାକୁ ମଜବୁତ କରିବା ଉଚିତ। ଆବାସିକ ଓ ଦୂରବର୍ତ୍ତୀ ସ୍କୁଲଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ, ଯେଉଁଠାରେ ପରିବାରଠାରୁ ବିଚ୍ଛିନ୍ନତା ଯୋଗୁଁ ପିଲାମାନଙ୍କ ମାନସିକ ଦୁର୍ବଳତା ବୃଦ୍ଧି ପାଉଛି। ପିତାମାତା ଓ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟ ଭୟର ଉତ୍ସ ନୁହେଁ, ବରଂ ସାମାଜିକ ନିବାରଣର ଅଂଶୀଦାର ହେବା ଉଚିତ। ଦାୟିତ୍ୱପୂର୍ଣ୍ଣ ସମ୍ବାଦ ପରିବେଷଣ ଏକ ଭୀତ ସମ୍ପ୍ରଦାୟକୁ ଶାନ୍ତ କରିପାରେ ଏବଂ ଚାଞ୍ଚଲ୍ୟକର ଖବର ସମ୍ପ୍ରଦାୟକୁ ଭୟଭୀତ କରିପାରେ। ତେଣୁ ଗଣମାଧ୍ୟମର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ। ସେହିପରି ଭୂତ/ପ୍ରେତ ପରି ପାରମ୍ପରିକ ବିଶ୍ୱାସକୁ ଉପହାସ ନୁହେଁ, ବରଂ ଆଲୋଚନା ଏବଂ ବୈଜ୍ଞାନିକ ସଚେତନତା ମାଧ୍ୟମରେ ସମ୍ମାନର ସହିତ ସମାଧାନ କରାଯିବା ଉଚିତ। ପରିଶେଷରେ ପ୍ରକୃତ ରହସ୍ୟ ଏହା ନୁହେଁ ଯେ ଭୂତର ଅସ୍ତିତ୍ୱ ଅଛି କି ନାହିଁ; ବରଂ ପ୍ରକୃତ ରହସ୍ୟ ହେଉଛି କାହିଁକି ଏବଂ ସେହି ଭୟ କ'ଣ ଏତେ ବାସ୍ତବ ଯେ ତାହା ମଣିଷର ଆଚରଣକୁ ବଦଳାଇ ପାରେ?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଗୁରୁଙ୍କଠାରୁ ଗୁଗୁଲ୍ ପର୍ଯ୍ୟନ୍ତ

**ଡ. ସୋମ୍ୟା ନନ୍ଦ**

କେବେ ଜଣେ ଛାତ୍ର ପାଇଁ ତାଙ୍କ ଗୁରୁ ହିଁ ଥିଲେ ଜ୍ଞାନର ପ୍ରଥମ ଓ ପ୍ରମୁଖ ଦ୍ୱାର। ଗୁରୁଙ୍କ କଥା ଥିଲା ଶିକ୍ଷା, ଗୁରୁଙ୍କ ଆଚରଣ ଥିଲା ଆଦର୍ଶ ଏବଂ ଗୁରୁଙ୍କ ଶାସନ ଥିଲା ଚରିତ୍ର ଗଠନର ଏକ ଅଂଶ। ଆଜି ସମୟ ବଦଳିଛି। ଗୋଟିଏ ମୋବାଇଲ୍ ଫୋନ୍‌ରେ ହଜାର ହଜାର ପୁସ୍ତକ, ଅସଂଖ୍ୟ ଶିକ୍ଷାମୂଳକ ଚିତ୍ର, ଶ୍ରବଣ ପାଠ ଏବଂ କୃତ୍ରିମ ବୁଦ୍ଧିମତ୍ତାର ସହାୟତା ଉପଲବ୍ଧ। ତେବେ ପ୍ରଶ୍ନ ଉଠେ - ଯେତେବେଳେ ଜ୍ଞାନ ଆମ ଅଙ୍ଗୁଠିର ସ୍ପର୍ଶରେ, ସେତେବେଳେ ଶିକ୍ଷକଙ୍କ ଭୂମିକା କ'ଣ? ଏହା କେବଳ ଶିକ୍ଷା ବ୍ୟବସ୍ଥାର ପ୍ରଶ୍ନ ନୁହେଁ, ଏହା ଆମ ସମାଜ କେଉଁ ମୂଲ୍ୟବୋଧରେ ଆଗକୁ ବଢ଼ିବ, ତାହାର ମଧ୍ୟ ଏକ ବଡ଼ ପ୍ରଶ୍ନ।

ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ମୂଳରେ ଥିଲା ଶ୍ରଦ୍ଧା, ଆସ୍ଥା ଓ ଆଦର। ତେବେ ପାରମ୍ପରିକ ବ୍ୟବସ୍ଥାର କିଛି ସୀମାବଦ୍ଧତା ମଧ୍ୟ ଥିଲା। ଶିକ୍ଷକଙ୍କ ପ୍ରତି ଅତ୍ୟଧିକ ଆଜ୍ଞାପାଳନ ଯୋଗୁଁ ଛାତ୍ରଙ୍କ ପ୍ରଶ୍ନ କରିବା ବା ନିଜ ମତ ରଖିବାର ସୁଯୋଗ ଆଜିର ତୁଳନାରେ କମ୍ ଥିଲା। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଚିତ୍ରଟି ବଦଳିଛି। ଛାତ୍ର ଆଉ ନିରବ ଶ୍ରୋତା ନୁହେଁ। ସେ ପ୍ରଶ୍ନ କରୁଛି, ଆଲୋଚନା କରୁଛି, ନିଜ ମତ ରଖୁଛି ଏବଂ ଅନେକ ସମୟରେ ଶିକ୍ଷକଙ୍କ ଦିଆଯାଇଥିବା ତଥ୍ୟକୁ ନିଜେ ଯାଞ୍ଚ ମଧ୍ୟ କରୁଛି। ଛାତ୍ରଙ୍କୁ ଉତ୍ତର ଦେବା ନୁହେଁ, ଠିକ୍ ପ୍ରଶ୍ନ କରିବାକୁ ଶିଖାଇବା ମଧ୍ୟ ଶିକ୍ଷାର ଲକ୍ଷ୍ୟ। ଆଜିର ଶିକ୍ଷକ ତେଣୁ କେବଳ ଜ୍ଞାନ ପ୍ରଦାନକାରୀ ନୁହନ୍ତି; ସେ ଜଣେ ସହାୟକ, ପରାମର୍ଶଦାତା ଓ ମାର୍ଗଦର୍ଶକ। ସେ ଛାତ୍ରଙ୍କୁ ତଥ୍ୟ ଦେବା ସହିତ ତଥ୍ୟକୁ ବୁଝିବା, ବିଶ୍ଳେଷଣ କରିବା ଓ ଜୀବନରେ ପ୍ରୟୋଗ କରିବା ଶିଖାନ୍ତି। କେହି କେହି କୁହନ୍ତି, ଆଜିର ଛାତ୍ରମାନେ ପୂର୍ବଭଳି ଶିକ୍ଷକଙ୍କୁ ସମ୍ମାନ କରୁନାହାନ୍ତି। କଥାଟିକୁ ସମ୍ପୂର୍ଣ୍ଣ ଭୁଲ୍ କହିହେବ ନାହିଁ, କିନ୍ତୁ ଏହାକୁ ଅନ୍ୟ ଦିଗରୁ ମଧ୍ୟ ଦେଖିବା ଦରକାର। ପୂର୍ବେ ସମ୍ମାନର ଅର୍ଥ ଥିଲା କଥା ମାନିବା। ଆଜି ସମ୍ମାନର ଅର୍ଥ ହେବା ଉଚିତ କଥା ଶୁଣିବା, ପ୍ରଶ୍ନ କରିବା ଓ ଯୁକ୍ତିରେ ବୁଝିବା। ଆଜିର ଛାତ୍ର ଅନ୍ଧ ଆଜ୍ଞାପାଳନ ଚାହେଁ ନାହିଁ; ସେ ଚାହେଁ ଯୁକ୍ତି, ସଂଳାପ ଓ ସମ୍ମାନଜନକ ବ୍ୟବହାର। ତେଣୁ ଶିକ୍ଷକଙ୍କ ଅଧିକାର କେବଳ ତାଙ୍କ ପଦବୀରୁ ନୁହେଁ, ତାଙ୍କ ଜ୍ଞାନ, ଚରିତ୍ର, ନ୍ୟାୟପରାୟଣତା ଓ ମାନବିକତାରୁ ଆସିବା ଦରକାର।

ଆଜି ଛାତ୍ରଙ୍କ ହାତରେ ଗୁଗୁଲ୍, ୟୁଟ୍ୟୁବ୍, ଅନଲାଇନ୍ ପୁସ୍ତକାଳୟ ଓ କୃତ୍ରିମ ବୁଦ୍ଧିମତ୍ତା ଭଳି ଅସଂଖ୍ୟ ସାଧନ ଅଛି। ଗୋଟିଏ ପ୍ରଶ୍ନର ଉତ୍ତର କିଛି ସେକେଣ୍ଡ ମଧ୍ୟରେ ମିଳିଯାଉଛି। କିନ୍ତୁ ସୂଚନା ଓ ଜ୍ଞାନ ଏକ ନୁହେଁ। ଇଣ୍ଟରନେଟ୍ ଆମକୁ କହିପାରେ କ'ଣ ଅଛି। କିନ୍ତୁ ଜଣେ ଭଲ ଶିକ୍ଷକ ଆମକୁ ଶିଖାନ୍ତି କ'ଣ ଠିକ୍, କାହିଁକି ଠିକ୍ ଏବଂ କେବେ ତାହା ପ୍ରୟୋଗ କରିବା ଉଚିତ। କୃତ୍ରିମ ବୁଦ୍ଧି ଏକ ଲେଖା ପ୍ରସ୍ତୁତ କରିଦେଇପାରେ; କିନ୍ତୁ ଶିକ୍ଷକ ଛାତ୍ରକୁ ବୁଝାଇପାରନ୍ତି ଯେ ତାହାର ଚିନ୍ତା ନିଜର କି ନୁହେଁ। ଇଣ୍ଟରନେଟ୍ ଅନେକ ପେସାର ପଥ ଦେଖାଇପାରେ; କିନ୍ତୁ ଜଣେ ମାର୍ଗଦର୍ଶକ କହିପାରିନ୍ତି ତୁମ ପାଇଁ କେଉଁ ପଥଟି ଠିକ୍। ମାନବିକ ସ୍ପର୍ଶର ମୂଲ୍ୟ ଅପରିମିତ ପ୍ରଯୁକ୍ତି ସୂଚନା ଦେଇପାରେ, କିନ୍ତୁ ସମବେଦନାର ସ୍ଥାନ ସମ୍ପୂର୍ଣ୍ଣ ଭାବେ ନେଇପାରେ ନାହିଁ। ତେଣୁ ଆଧୁନିକ ଶିକ୍ଷାରେ ପ୍ରଯୁକ୍ତିର ବ୍ୟବହାର ଆବଶ୍ୟକ, କିନ୍ତୁ ତାହା ସହିତ ମାନବିକ ସମ୍ପର୍କର ସୁରକ୍ଷା ମଧ୍ୟ ଆବଶ୍ୟକ। ଶିକ୍ଷା ମୁଣ୍ଡକୁ ଜ୍ଞାନ ଦିଏ; ଶିକ୍ଷକ ସେହି ଜ୍ଞାନକୁ ବିବେକରେ ପରିଣତ କରନ୍ତି। ଜଣେ ଛାତ୍ର ନିଜ କ୍ଷେତ୍ରରେ ସଫଳ ହୋଇ ଜଣେ ଭଲ ପେସାଜୀବୀ ହୋଇପାରେ। କିନ୍ତୁ ସତ୍ୟନିଷ୍ଠା, ଦୟା, ଦାୟିତ୍ୱବୋଧ ଓ ମାନବିକତାକୁ ଧରି ରଖିଲେ ହିଁ ସେ ଜଣେ ଭଲ ମଣିଷ ହୋଇପାରିବ। ଏହି ଦୁଇଟି ମଧ୍ୟରେ ସେତୁ ତିଆରି କରିବାରେ ଶିକ୍ଷକଙ୍କ ବଡ଼ ଦାୟିତ୍ୱ ରହିଛି।

ଯୁବପିଢ଼ି ଆଜି ଅନେକ ସୁଯୋଗ ପାଉଛି, କିନ୍ତୁ ତା'ସହିତ ଅନେକ ଚାପର ସମ୍ମୁଖୀନ ହେଉଛି। ପ୍ରତିଯୋଗିତା, ତୁଳନା, ସଫଳତାର ଚାପ ଓ ସାମାଜିକ ଆଶା ତାଙ୍କ ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଏଠି ଶିକ୍ଷକ କେବଳ ପାଠ ପଢ଼ାଇବାର ଦାୟିତ୍ୱରେ ସୀମିତ ରହିଲେ ଚଳିବ ନାହିଁ, ଛାତ୍ରଙ୍କ ମନକୁ ବୁଝିବାକୁ ହେବ। ଛାତ୍ରଙ୍କ ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ହେବ ଏବଂ ବିଫଳତାକୁ ଜୀବନର ଶେଷ ନୁହେଁ, ବରଂ ଶିକ୍ଷାର ଏକ ସୁଯୋଗ ବୋଲି ବୁଝାଇବାକୁ ହେବ। ଜଣେ ଶିକ୍ଷକଙ୍କ ଗୋଟିଏ ଭଲ କଥା, ଗୋଟିଏ ସଠିକ୍ ପରାମର୍ଶ କିମ୍ବା ଗୋଟିଏ ଛୋଟ ପ୍ରଶଂସା ଜଣେ ଛାତ୍ରର ଆତ୍ମବିଶ୍ୱାସକୁ ବଦଳାଇପାରେ। ଶିକ୍ଷାର ଲକ୍ଷ୍ୟ ଯଦି କେବଳ ଚାକିରି ପାଇବା ହୋଇଯାଏ, ତେବେ ସମାଜକୁ ଦକ୍ଷ କର୍ମଚାରୀ ମିଳିପାରନ୍ତି, କିନ୍ତୁ ଭଲ ନାଗରିକ ମିଳିବେ କି?


ଆମକୁ ପାରମ୍ପରିକ ଓ ଆଧୁନିକ ଏହି ଦୁଇ ଯୁଗର ଭଲ ଦିଗକୁ ଏକାଠି କରିବାକୁ ପଡ଼ିବ। ପାରମ୍ପରିକ ଯୁଗରୁ ଆବଶ୍ୟକ ଶ୍ରଦ୍ଧା, ଶୃଙ୍ଖଳା, ନୈତିକତା ଓ ଗୁରୁଙ୍କ ପ୍ରତି ସମ୍ମାନ। ଆଧୁନିକ ଯୁଗରୁ ଆବଶ୍ୟକ ସ୍ୱାଧୀନ ଚିନ୍ତା, ପ୍ରଶ୍ନ କରିବାର ସାହସ, ସୃଜନଶୀଳତା, ପ୍ରଯୁକ୍ତି ଓ ସମାଜତା। ଶିକ୍ଷକ ଛାତ୍ରଙ୍କ ସହିତ ମିତ୍ରସୁଲଭ ହୁଅନ୍ତୁ, କିନ୍ତୁ ନିଜର ପେସାଗତ ସୀମା ରକ୍ଷା କରନ୍ତୁ। ଛାତ୍ର ପ୍ରଶ୍ନ କରୁ, କିନ୍ତୁ ପ୍ରଶ୍ନ ସହିତ ଶ୍ରଦ୍ଧା ରଖୁ। ଶିକ୍ଷା ପ୍ରଯୁକ୍ତିକୁ ଗ୍ରହଣ କରୁ, କିନ୍ତୁ ମାନବିକତାକୁ ହରାଇ ନ ଦେଉ। ଶିକ୍ଷକଙ୍କ ଅଧିକାର ଓ ଛାତ୍ରଙ୍କ ସ୍ୱାଧୀନତା-ଉଭୟର ସନ୍ତୁଳନ ହିଁ ଆଦର୍ଶ ସମ୍ପର୍କର ଭିତ୍ତି।

ପୃଥିବୀ ବଦଳିବ। ପ୍ରଯୁକ୍ତି ଆହୁରି ଆଗକୁ ବଢ଼ିବ। ଭବିଷ୍ୟତର ଶ୍ରେଣୀକକ୍ଷରେ କୃତ୍ରିମ ବୁଦ୍ଧି ଆହୁରି ବଡ଼ ଭୂମିକା ନେଇପାରେ। ଛାତ୍ରଙ୍କ ପାଖରେ ଆଜିଠାରୁ ଅଧିକ ଜ୍ଞାନର ଉତ୍ସ ରହିବ। କିନ୍ତୁ ଗୋଟିଏ ଜିନିଷର ଆବଶ୍ୟକତା କେବେ ଶେଷ ହେବ ନାହିଁ- ମଣିଷକୁ ମଣିଷ କରିବାର ମାନବିକ ସମ୍ପର୍କ। ଗୁଗୁଲ୍ ଉତ୍ତର ଦେଇପାରେ, କୃତ୍ରିମ ବୁଦ୍ଧି ତଥ୍ୟ ବିଶ୍ଳେଷଣ କରିପାରେ ଏବଂ ପୁସ୍ତକ ଜ୍ଞାନ ଦେଇପାରେ। କିନ୍ତୁ ଜଣେ ଶିକ୍ଷକ ଛାତ୍ର ଭିତରେ ଲୁଚିଥିବା ସମ୍ଭାବନାକୁ ଚିହ୍ନଟ କରି କହିପାରନ୍ତି 'ତୁମେ ପାରିବ।' ଏହି ଦୁଇଟି ଶବ୍ଦ ବେଳେବେଳେ ଗୋଟିଏ ଜୀବନର ଦିଗ ବଦଳାଇଦିଏ। ତେଣୁ ଆମକୁ ଅତୀତକୁ ଫେରିଯିବାର କିମ୍ବା ଆଧୁନିକତାକୁ ପ୍ରତ୍ୟାଖ୍ୟାନ କରିବାର ମଧ୍ୟ ଆବଶ୍ୟକତା ନାହିଁ। ଆମକୁ ଆବଶ୍ୟକ ଏକ ଏମିତି ଶିକ୍ଷା ବ୍ୟବସ୍ଥା, ଯେଉଁଠି ପ୍ରଯୁକ୍ତି ଜ୍ଞାନ ଦେବ, ଶିକ୍ଷକ ଦିଗ ଦେଖାଇବେ; ଛାତ୍ର ପ୍ରଶ୍ନ କରିବ, ଶିକ୍ଷକ ଚିନ୍ତା କରିବା ଶିଖାଇବେ।

(ସହକାରୀ ପ୍ରାଧ୍ୟାପକ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ)

# ପୃଥିବୀ ଉପରେ ଜୀବଜଗତ ବୋଝ

**ଶ୍ରୀନନ**



ବିଜ୍ଞାନ ବାର୍ତ୍ତା

ପୃଥିବୀର ବସ୍ତୁତ୍ୱ ପ୍ରାୟତଃ ୫.୯୭ ଟ୍ରିଲିୟନ୍ ଜିଗାଟନ୍ (ଗୋଟିଏ ଜିଗାଟନ୍ = ୧ ଟ୍ରିଲିୟନ ଅର୍ଥାତ୍ ୧ ଲକ୍ଷ କୋଟି କିଲୋଗ୍ରାମ୍)। ତେବେ ପ୍ରତିଦିନ ମହାକାଶ ଧୂଳି ପଡ଼ିବା ଏବଂ ବାୟୁମଣ୍ଡଳର ଅବକ୍ଷୟ ଘଟିବା ହେତୁ ଏହା ବଦଳିବାରେ ଲାଗିଛି। ପୃଥିବୀରେ ବାସ କରୁଛନ୍ତି ଅସଂଖ୍ୟ ଜୀବଜନ୍ତୁ ଓ ବୃକ୍ଷଲତା। ଏମାନଙ୍କର ଓଜନ ୫୫୦ ଜିଗାଟନ୍ ହେଲା ବେଳକୁ କେବଳ ବୃକ୍ଷଲତାର ଓଜନ ପ୍ରାୟ ୪୫୦ ଜିଗାଟନ୍ ଏବଂ ପଶୁମାନଙ୍କର ଓଜନ ୩ ଜିଗାଟନ୍।

୨୦୨୩ ମସିହାରେ 'ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍' ଦ୍ୱାରା ଅନୁଷ୍ଠିତ ଏକ ଆକଳନ ଅନୁସାରେ ପୃଥିବୀରେ ବାସ କରୁଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ତୁଳନାରେ ମଣିଷର ଓଜନ ବେଶ୍ ଅଧିକ। ଉଦାହରଣ ସ୍ୱରୂପ, ବଣରେ ବାସ କରୁଥିବା ସମସ୍ତ ସ୍ତନ୍ୟପାୟୀମାନଙ୍କ ଓଜନ ୨୦ ନିୟୁତ ଟନ ହେଲା ବେଳେ ମଣିଷମାନଙ୍କର ତାହା ୩୯୦ ନିୟୁତ ଟନ୍। ଏହି ସ୍ତନ୍ୟପାୟୀମାନଙ୍କ ମଧ୍ୟରେ ସବୁଠାରୁ ଓଜନଦାର ଜୀବ ହେଲା ତିମି। ଏହାର ଶରୀର ଓଜନ ୯୦ ହଜାରରୁ ୧୫୦ ହଜାର କିଲୋଗ୍ରାମ ହୋଇପାରେ। ସେହିପରି ହାରାହାରି ଭାବେ ଏସୀୟ ହାତୀ ୨୫୪୬ କିଲୋଗ୍ରାମ, ଏଲିଫ୍ୟାଣ୍ଟସିଲ୍ ୨୩୧୩ କିଲୋଗ୍ରାମ ହେଲା ବେଳେ ଚୁଟିଆମୂଷାର ଓଜନମାତ୍ର ୦.୧୨୫ କେ.ଜି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ହାରାହାରି ଭାବେ ଗାଈ, ବଳଦ ୬୫୦ କେ.ଜି, ଘୁଷୁରୀ ୨୦୦ କେଜି, ଗଧ ୨୫୦ କେଜି, ଛେଳି ଓ ମେଣ୍ଢା ୫୦ କେଜି, କୁକୁର୨୫/୩୦ କେଜି, ଠେକୁଆ ୩/୪ କେଜି, କୁକୁଡ଼ା ୨ କେଜି, ସିଲ୍‌ମାଛ ୪୪୬ କେଜି, ରେହସସ୍ ମାଙ୍କଡ଼ ୬/୭ କେଜି, ଘୋଡା ୫୨୦ କେଜି, ବିରାଡ଼ି ୩.୫ କେଜି ଏବଂ ମଣିଷ ୬୫ କେଜି ହୋଇଥାଏ। ଅତଏବ ବଡ଼ ବଡ଼ ସ୍ତନ୍ୟପାୟୀଙ୍କ ତୁଳନାରେ ମଣିଷର ଓଜନ ସେତେ ବେଶି ନୁହେଁ। ତେବେ ସଂଖ୍ୟାଦୃଷ୍ଟିରୁ ଏହାର ଓଜନକୁ ପୃଥିବୀର ସବୁଠାରୁ ବଡ଼ ବୋଝ ବୋଲି କୁହାଯାଇ ପାରିବ।

ମଣିଷ ଶରୀରର ଭାରକୁ ବାଦ ଦେଲେ ପୃଥିବୀର ଭାର ବୃଦ୍ଧିରେ ତା'ର ଅନ୍ୟତମ ଅବଦାନ ହେଲା ଗୃହପାଳିତ ପଶୁ। ଏହା ପ୍ରାୟ ୬୩୦ ନିୟୁତ ଟନ୍। ଏମାନଙ୍କ ମଧ୍ୟରେ ଗାଈଗୋରୁ ୪୨୦ ନିୟୁତ ଟନ, କୁକୁର ୨୦ ନିୟୁତ, ବିରାଡ଼ି ୨ ନିୟୁତ ଓ ଘୁଷୁରୀ ୪୫ ନିୟୁତ ଟନ। ପୃଥିବୀରେ ବାସ କରୁଥିବା ମଣିଷମାନଙ୍କ ସଂଖ୍ୟା ଆକଳନ କରାଯାଇଛି। ଗୃହପାଳିତ ପଶୁମାନଙ୍କ କ୍ଷେତ୍ରରେ ମଧ୍ୟ ତାହା କିଛି ମାତ୍ରାରେ କରାଯାଇ ପାରିବ। ହେଲେ ଅନ୍ୟାନ୍ୟ ବନ୍ୟଜନ୍ତୁଗୁଡ଼ିକ ସଂଖ୍ୟା ଆକଳନ କରାଯାଇ ପାରିବ ନାହିଁ। କେବେଳ ଆନୁମାନିକ ଭାବେ କହିହେବ। ଉଦାହରଣସ୍ୱରୂପ, ପୃଥିବୀର ଜଙ୍ଗଲମାନଙ୍କରେ ଥିବା ମୂଷା ବା ଠେକୁଆ କଥା ବିଚାରକୁ ନିଆଯାଉ। ଏମାନଙ୍କ ସଂଖ୍ୟା ବା ସମୁଦାୟ ଓଜନ ସଠିକ ଭାବେ ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ। ସେହିପରି ବିବିଧ କୀଟ ପତଙ୍ଗଙ୍କ ସଂଖ୍ୟା ଅସୀମ। ଏମାନଙ୍କ ପ୍ରତ୍ୟେକର ଓଜନ ଅତି ନଗଣ୍ୟ। ହେଲେ କମ୍ପ୍ୟୁଟର ଗଣନାରୁ ଜଣାପଡ଼ିଛି ଯେ ଏମାନଙ୍କର ସମୁଦାୟ ଓଜନ ଅନେକ ଜୀବଙ୍କ ତୁଳନାରେ ଖୁବ ବେଶି ହୋଇପାରେ। ସେହିପରି ସାମୁଦ୍ରିକ ଜୀବମାନଙ୍କ ଓଜନ ମଧ୍ୟ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ।

ପୃଥିବୀ ଏକ ବିଶାଳ ମହାକାଶ ପିଣ୍ଡ। ଏହାର ଓଜନ ତୁଳନାରେ ଏଥିରେ ବାସ କରୁଥିବା ଜୀବଜନ୍ତୁ ଓ ଗଛଲତାଙ୍କ ଓଜନ ଅତି ନଗଣ୍ୟ। ସେଥିପାଇଁ ଜୀବଜଗତକୁ ପୃଥିବୀ ଉପରେ ଏକ ଗୁରୁତର ବୋଝ ବା ଭାର ବୋଲି ଗଣନା କରିବା ଠିକ୍ ନୁହେଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୋଦୀଙ୍କ ପାଇଁ ଆଶୀର୍ବାଦର ଦୀପ ଜାଳିବାକୁ ମୋହନଙ୍କ ଆହ୍ୱାନ

ଭୁବନେଶ୍ୱର,୧୪।୯(ସମିସ): ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିନ ପାଳନ ହେବ। ଏହି ଜନ୍ମଦିନକୁ ରାଜ୍ୟରେ ପାଳନ କରିବାକୁ ଉଭୟ ବିଜେପି ଓ ରାଜ୍ୟ ସରକାର ଜୋରଦାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଆଶୀର୍ବାଦର ଦୀପ ଜାଳିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୫୦ ବର୍ଷର ନିରବଚ୍ଛିନ୍ନ ସେବା-ତପସ୍ୟା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ଅଦମ୍ୟ ନେତୃତ୍ୱ ଆଜି ସମଗ୍ର ଭାରତବର୍ଷକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ର ଭାବେ ଗଢ଼ିତୋଳିଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ତାଙ୍କର ୭୬ତମ ଜନ୍ମଦିନ ଅବସରରେ ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି, ଯେଉଁଥିରେ 'ସେବା ଜ୍ୟୋତି ଯାତ୍ରା', 'ନମୋ ସେବା ଗାଥା', 'ସ୍ୱପ୍ନର ଭାରତ', 'ପରିବର୍ତ୍ତନର କାହାଣୀ', 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ବୃକ୍ଷରୋପଣ ଓ ରକ୍ତଦାନ ଶିବିର ପରି ଅନେକ ମହତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସେବା ସଂକଳ୍ପ ଅଭିଯାନ ଅବସରରେ ୧୭ ତାରିଖ ଦିନ ସାରା ଓଡ଼ିଶାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ତେଣୁ ରାଜ୍ୟବାସୀ ସେଦିନ ସକାଳେ କିମ୍ବା ସନ୍ଧ୍ୟାରେ ନିଜ ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଗୋଟିଏ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରିବା ସହ ନିଜର ଶୁଭେଚ୍ଛା ବାର୍ତ୍ତା ସହ ମୋଦୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିବା ସହ ସେହି ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**ଖଣି ଆଇନ ସଂଶୋଧନ**

## ଅର୍ଥନୈତିକ ଅବରୋଧ କରିବ ବିଜେଡି

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ କରୁଥିବା ଏମଏମଡିଆର ଆଇନ ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିରବତା ଅତ୍ୟନ୍ତ ରହସ୍ୟମୟ। ଖଣିମାଲିକମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସ୍ୱାର୍ଥକୁ କେନ୍ଦ୍ର ସରକାର ବଳି ଦେଇଛନ୍ତି। ଆଙ୍ଗୁଳିଗଣତି କେଇଜଣ ଖଣି ପଟ୍ଟାଦାରଙ୍କ ପାଇଁ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି। ତେଣୁ ଏହି ଆଇନ ପ୍ରତ୍ୟାହାର ନ ହେଲେ ଅର୍ଥନୈତିକ ଅବରୋଧ କରିବାକୁ ଧମକ ଦେଇଛି ବିଜେଡି

ସୋମବାର ଶଙ୍ଖ ଭବନରେ ଦଳର ବିଧାୟକ ଡଃ ଅରୁଣ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏମଏମଡିଆର ଆଇନ ସଂଶୋଧନ ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ବିଧାନସଭାର ବିଶେଷ ଅଧିବେଶନ ଓ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏଯାବତ ଏହି ଚିଠିର ଉତ୍ତର ରଖିବାକୁ ଉଚିତ ମଣିଲେ ନାହିଁ। ଏମଏମଡିଆର ଆଇନ ସଂଶୋଧନ ମାଧ୍ୟମରେ ଖଣିର ମାଲିକାନା ରାଜ୍ୟ ହାତରୁ ଛଡେଇ ନିଆଯାଇଛି। ଖଣି ହାତରେ ନ ଥିବା ବେଳେ, କେନ୍ଦ୍ର ସରକାରଙ୍କ ହାତ ଟେକା ଦାନକୁ ଅପେକ୍ଷା କରି ରହିଥିବା ରାଜ୍ୟ ସରକାର କେଉଁ ଅଧିକାର ନେଇ ୟୁଏଇ ଗସ୍ତ କରି ପୁଞ୍ଜିନିବେଶ ପାଇଁ ଆହ୍ୱାନ କରୁଛନ୍ତି? ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି କ୍ଷେତ୍ରରୁ ଆଦାୟ ହେବାକୁ ଥିବା ବକେୟା ଟିକସ ବାବଦକୁ ଓଡ଼ିଶା ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିଲା। ଏଥି ସହିତ ଖଣିରୁ ରାଜସ୍ୱ ବାବଦକୁ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କା କ୍ଷତି ସହିବ। କିନ୍ତୁ ଓଡ଼ିଶାର ଏତେବଡ଼ ଆର୍ଥିକ କ୍ଷତିକୁ ରାଜ୍ୟ ବିଜେପି ସରକାର ନିରବରେ ସମର୍ଥନ ଦେଇଛନ୍ତି। କାହା ସ୍ୱାର୍ଥରେ ଏମଏମଡିଆର ଆଇନର ସଂଶୋଧନ କରାଯାଇଛି ଓ କେଉଁ ଅଦୃଶ୍ୟ

- ଖଣି ମାଲିକଙ୍କ ପାଇଁ ଏମଏମଡିଆର ଆଇନ ସଂଶୋଧନ
- ଆଇନ ମାଧ୍ୟମରେ ରାଜ୍ୟର ଅଧିକାର ଛଡାଇ ନିଆଯାଇଛି

କାରଣରୁ କେନ୍ଦ୍ର ସରକାର ପୁଞ୍ଜିପତି, ଖଣି ମାଲିକଙ୍କୁ ବକେୟା ଅର୍ଥରାଶି ଛାଡ଼ିଦେଲେ ତାହା ଜାଣିବାର ଅଧିକାର ରାଜ୍ୟବାସୀଙ୍କର ରହିଛି ବୋଲି ଡ଼. ସାହୁ କହିଛନ୍ତି ।ଦିଆଗଲା ବୋଲି ଡଃ ସାହୁ ଅଭିଯୋଗ କରିଛନ୍ତି।

ଏହି ଆଇନ୍ ସଂଶୋଧନ ଦ୍ୱାରା ଖଣି ମାଲିକ ମାନେ ଲାଭବାନ ହେଲେ। ଖଣି ଓ ଖଣିଜ ସମ୍ପଦ ପରିପୂର୍ଣ୍ଣ ଜମିର ଅଧିକାର ରାଜ୍ୟଠାରୁ କେନ୍ଦ୍ର ସରକାର ଛଡ଼ାଇନେଲେ। ଏହା ପରେ ବି ରାଜ୍ୟ ବିଜେପି ସରକାରଙ୍କ ସ୍ୱାଭିମାନ ଜାଗ୍ରତ ହେଉନାହିଁ। ରାଜ୍ୟ ସ୍ୱାବଲମ୍ବୀ ହେବା ପାଇଁ ପ୍ରକୃତି ଦେଇଥିବା ସମ୍ବଳ ଆଉ ଆମ ହାତରେ ରହିବ ନାହିଁ। ତେଣୁ ଏମଏମଡିଆର ଆଇନ ସଂଶୋଧନକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି। ଏହାକୁ ପ୍ରତ୍ୟାହାର ନ କଲେ ବିଜେଡି ରାଜ୍ୟରେ ଅର୍ଥନୈତିକ ଅବରୋଧ କରିବ ବୋଲି ଡ଼.ସାହୁ କହିଛନ୍ତି ।

## ହୀରାକୁଦର ଆଉ ୨ ଗେଟ୍ ଖୋଲିଲା

ସମ୍ବଲପୁର, ୧୪।୯ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ଜଳସ୍ତର ୬୨୯ ଫୁଟ୍ ଉପରେ କ୍ରମାଗତ ଭାବେ ଗତ କେଇଦିନ ଧରି ରହୁଥିବାବେଳେ ଆଜି ପୂର୍ବାହ୍ଣ ସାଢ଼େ ୧୦ଟା ସମୟରେ ନଦୀବନ୍ଧର ଆଉ ୨ଟି ଗେଟ୍ ଖୋଲା ଯାଇଛି। ସମ୍ପ୍ରତି ନଦୀବନ୍ଧର ୭ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ, ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଏବଂ ସେପ୍ଟେମ୍ବର ୧୧ ତାରିଖରେ ତୃତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୮୪ ମିମି ବର୍ଷା ରେକର୍ଡ କରାଯାଇଛି। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୮,୭୨୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୧୪,୭୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦,୧୬୦ କ୍ୟୁସେକ୍, ଜଳସେଚନ ସକାଶେ ୨୨୧ କ୍ୟୁସେକ୍ ଓ କେନାଲ ପାଇଁ ୩୬୨୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୪୪,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୨୧,୪୩୮ କ୍ୟୁସେକ୍, ଖଇରମାଳଠାରେ ୨,୬୪,୦୦୦ କ୍ୟୁସେକ୍, ବାରମୁଲଠାରେ ୨,୧୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୪୪,୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଦେଶ ବିଦେଶ

**ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ଆଶଙ୍କା**

## ହୁତିଙ୍କ ଅଗ୍ରଗତିରେ ଚାପରେ ସାଉଦି

ସାନିଆ, ୧୪।୯(ଏଜେନ୍ସି): ପଶ୍ଚିମ ଏସିଆରେ ପୁଣିଥରେ ଯୁଦ୍ଧର ଆଶଙ୍କା ଘନୀଭୂତ ହୋଇଛି। ୟେମେନରେ ହୁତି ବିଦ୍ରୋହୀଙ୍କ ସାମରିକ ଅଗ୍ରଗତି ଏବଂ ସାଉଦି ସମର୍ଥିତ ସରକାରୀ ଅଞ୍ଚଳ ଉପରେ ବଢୁଥିବା ଚାପ ଅଞ୍ଚଳୀୟ ଉତ୍ତେଜନାକୁ ଆହୁରି ବଢ଼ାଇଛି। ବିଶେଷକରି ତୈଳ ଓ ଗ୍ୟାସ ସମୃଦ୍ଧ ମାରିବ୍ ଏବଂ ତାଇଜ୍ ଦିଗରେ ହୁତିଙ୍କ ଅଗ୍ରସରତା ସାଉଦି ଆରବକୁ କଠିନ ସାମରିକ ଓ କୂଟନୈତିକ ପରିସ୍ଥିତିରେ ପକାଇଛି। ୨୦୧୫ରୁ ଚାଲିଥିବା ୟେମେନ ସଂଘର୍ଷରେ ମାରିବ୍ ସରକାରୀ ବାହିନୀର ଏକ ପ୍ରମୁଖ ଘାଟି ଭାବେ ରହିଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି, ତୈଳ ଓ ଗ୍ୟାସ କ୍ଷେତ୍ର, ବିଦ୍ୟୁତ୍ କେନ୍ଦ୍ର ରହିଥିବା ସହ ପ୍ରାୟ ୨୦ ଲକ୍ଷ ବିସ୍ଥାପିତ ଲୋକ ଆଶ୍ରୟ ନେଇଛନ୍ତି। ତେଣୁ ମାରିବ୍ ଉପରେ ନିୟନ୍ତ୍ରଣ ୟେମେନର ଭବିଷ୍ୟତ ସାମରିକ ସମୀକରଣ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହୁତି ବିଦ୍ରୋହୀମାନେ ମାରିବ୍ ଚାରିପାଖରେ ବାହିନୀ ଓ ସାମରିକ ଉପକରଣ ଠୁଳ କରୁଥିବା ଖବର ମିଳିଛି। ଏହାକୁ ନୂଆ ଆକ୍ରମଣ ପାଇଁ ପ୍ରସ୍ତୁତି ବୋଲି ଆଶଙ୍କା କରାଯାଉଛି। ୟେମେନର ସରକାରୀ ବାହିନୀ ତେବେ ହୁତିଙ୍କ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାକୁ ପ୍ରସ୍ତୁତ ଥିବା କହିଛି। ୟେମେନ ସେନାର ସାମରିକ ଗଣମାଧ୍ୟମ ନିର୍ଦ୍ଦେଶକ ବ୍ରିଗେଡ଼ିୟର ୟାହ୍ୟା ଅଲ୍-ହାତେମି କହିଛନ୍ତି, ଦୀର୍ଘ ଦଶନ୍ଧିର ସଂଘର୍ଷ ମଧ୍ୟରେ ସରକାରୀ ବାହିନୀ ଯୁଦ୍ଧର ଅନୁଭବ ହାସଲ କରିଛି। ସେନା ଏବେ ଅଧିକ ସଂଗଠିତ, ଶକ୍ତିଶାଳୀ ଓ ପ୍ରଭାବଶାଳୀ ହୋଇଥିବାରୁ ହୁତିଙ୍କ ଆକ୍ରମଣକୁ ରୋକିବାରେ ସକ୍ଷମ ବୋଲି ସେ ଦାବି କରିଛନ୍ତି। ହୁତିଙ୍କ ଅଗ୍ରଗତି କେବଳ ମାରିବ୍‌ରେ ସୀମିତ ନାହିଁ। ୟେମେନର ପଶ୍ଚିମ ଉପକୂଳରେ

**ମାରିବ୍‌କୁ ଟାର୍ଗେଟ୍ କରୁଛି ହୁତି**

ମଧ୍ୟ ସେମାନଙ୍କ ଗତିବିଧି ବଢ଼ିଛି। ହୁତିଙ୍କ ଅଗ୍ରଗତି ସାଉଦି ଆରବ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଉଠିଛି। ୟେମେନରେ ନିଜ ସମର୍ଥିତ ସରକାରୀ ବାହିନୀ ଉପରେ ଚାପ ବଢ଼ିବା ସହ ହୁତିଙ୍କ ଦ୍ୱାରା ସାଉଦି ଅଞ୍ଚଳକୁ ଆକ୍ରମଣର ଆଶଙ୍କା ମଧ୍ୟ ରହିଛି। ୟେମେନରେ ହୁତିଙ୍କ ନୂଆ ଅଗ୍ରଗତି, ସାଉଦି ଆରବ ଉପରେ ବଢୁଥିବା ଚାପ ଏବଂ ଇରାନ-ଆମେରିକା ମଧ୍ୟରେ ତୀବ୍ର ହେଉଥିବା ମୁକାବିଲା ଏବେ ପରସ୍ପର ସହ ଜଡ଼ିତ ହୋଇପଡ଼ିଛି। ହୁତିମାନେ ଆହୁରି ଆଗକୁ ବଢ଼ିଲେ କିମ୍ବା ସାଉଦି ଓ ଆମେରିକୀୟ ସ୍ୱାର୍ଥକୁ ଲକ୍ଷ୍ୟ କରି ବଡ଼ ଆକ୍ରମଣ କଲେ, ଏହି ସଂଘର୍ଷ ପଶ୍ଚିମ ଏସିଆର ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପିବାର ଆଶଙ୍କା ରହିଛି। ଏହି କାରଣରୁ ଲୋହିତ ସାଗରଠାରୁ ହର୍ମୁଜ୍ ପ୍ରଣାଳୀ ପର୍ଯ୍ୟନ୍ତ ବିଶ୍ୱ ବାଣିଜ୍ୟ ଓ ତୈଳ ଯୋଗାଣ ଉପରେ ଏହାର ପ୍ରଭାବ ନେଇ ଚିନ୍ତା ବଢ଼ିଛି।

## ମଣିପୁରରେ କୁକି ବସତି ଉପରେ ୨ ଆକ୍ରମଣ; ୪ ମୃତ

ଇମ୍ଫାଲ୍, ୧୪।୯(ଏଜେନ୍ସି): ମଣିପୁରର ତାମେଙ୍ଗଲଙ୍ଗ ଜିଲ୍ଲାର ଦୁଇଟି କୁକି ବସତିରେ ରବିବାର ଅଜଣା ସଶସ୍ତ୍ର ବ୍ୟକ୍ତିଙ୍କ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ଅନ୍ୟ କିଛି ଲୋକ ଆହତ ହୋଇଛନ୍ତି। ଲଙ୍ଗପି ଗାଁରେ ଅପରାହ୍ନ ପ୍ରାୟ ୩ଟାରେ ଆକ୍ରମଣ ହୋଇ ଜୁଲି ସିଙ୍ଗସନ୍ ଓ ଥାଙ୍ଗଭେଲ୍ ଗାଙ୍ଗଟେଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ନିଖୋଜ ଅଛନ୍ତି। ଅନ୍ୟ ଏକ ଘଟଣାରେ ଟୋଲେନ୍ ଗାଁରେ ଜଣେ ଦମ୍ପତିଙ୍କ ମୃତ୍ୟୁ ଓ ତାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି।ସେପ୍ଟେମ୍ବର ୧୩ 'ବ୍ଲାକ୍ ଡେ' ଦିନ ଏହି ଘଟଣା ଘଟିଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଛି। କୁକି ସମ୍ପ୍ରଦାୟ ୧୯୯୦ ଦଶକର କୁକି-ନାଗା ସଂଘର୍ଷରେ ମୃତକଙ୍କ ସ୍ମୃତିରେ ଏହି ଦିନ ପାଳନ କରେ। ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

**ଜାତୀୟ ପ୍ରେସ୍ ଦିବସ ପାଳନ ନେଇ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ପ୍ରସ୍ତୁତି କମିଟି ବୈଠକ**

## ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯିବ ସ୍ମାରକୀ ସିଲ୍ଡ

ଭୁବନେଶ୍ୱର,୧୪।୯(ସମିସ): ରାଜ୍ୟରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସେତୁ ଭାବେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଦୀର୍ଘ ୧୯ବର୍ଷ ଧରି ପ୍ରତିବର୍ଷ ନଭେମ୍ବର ମାସ ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ ପାଳନ କରି ଆସୁଛି। ଚଳିତବର୍ଷ ଏହି ପ୍ରେସ୍ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହିତ ରାଜ୍ୟଶାଖା କର୍ମକର୍ତ୍ତାମାନଙ୍କର ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଜାତୀୟ ପ୍ରେସ୍ ଦିବସ ପାଳନ ପୂର୍ବରୁ ସାମ୍ବାଦିକତା ବିଭାଗ ଥିବା ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜେତାମାନଙ୍କୁ ଦିଆଯାଉଥିବା ସ୍ମାରକୀ ସିଲ୍ଡ ଗୁଡ଼ିକର ସମ୍ମାନ ବୃଦ୍ଧି ଦିଗରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ସ୍ମାରକୀ ସିଲ୍ଡ ପ୍ରଦାନ କରାଯିବା ସହ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାକୁ ଉତ୍ସବର ୧୫ ଦିନ ପୂର୍ବରୁ ଆୟୋଜନ କରାଯିବାକୁ ସ୍ଥିର ହୋଇଛି ।ଜାତୀୟ



ପ୍ରେସ୍ ଦିବସର ମୁଖ୍ୟ ଉତ୍ସବରେ ଓଡ଼ିଶାର ସମ୍ବାଦପତ୍ରର ଜଣେ ପ୍ରଖ୍ୟାତ ସମ୍ପାଦକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ଦିଆଯିବା ସହିତ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ ରାଜ୍ୟର ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ କରାଯିବ। ୬୫ ବର୍ଷ ବୟସ ଏବଂ ତଦୁର୍ଦ୍ଧ୍ୱ ଅନ୍ୟୂନ ଥରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଥିବା ସାମ୍ବାଦିକମାନଙ୍କୁ ବେସରକାରୀସ୍ତରରେ ସମଗ୍ର ଦେଶରେ କେବଳ ଓଡ଼ିଶାରେ ପେନସନ ଦେବା ବ୍ୟବସ୍ଥାକୁ .ଲୁ ରଖିବାକୁ ବୋର୍ଡ ନିଷ୍ପତ୍ତି ଗ୍ରହଣ କରିଛି।୭୮୭୬ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ଦିଆଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନୂଆ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯିବା ଓ ଏହାର ପରିମାଣ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଆଲୋଚନାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର ଏବଂ ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାତୀୟ ହାରଠାରୁ...

୪.୩୧ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ମାପୁଥିବା କଞ୍ଜ୍ୟୁମର ଫୁଡ୍ ପ୍ରାଇସ୍ ଇଣ୍ଡେକ୍ସ (ସିଏଫ୍‌ପିଆଇ) ଜୁଲାଇରେ ୫.୫୨ ପ୍ରତିଶତ ଥିବାବେଳେ ଅଗଷ୍ଟରେ ୫.୯୫ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩ ପ୍ରତିଶତ ଏବଂ ସହରାଞ୍ଚଳରେ ୫.୬୪ ପ୍ରତିଶତ ରହିଛି। ଅଗଷ୍ଟରେ ଅଲ୍ ଇଣ୍ଡିଆ କଞ୍ଜ୍ୟୁମର ପ୍ରାଇସ୍ (ସିପିଆଇ) ୧୦୭.୯୫ରୁ ବଢ଼ି ୧୦୮.୭୪ରେ ପହଞ୍ଚିଛି। ଗ୍ରାମାଞ୍ଚଳରେ ୧୦୮.୩୪ରୁ ୧୦୯.୨୭କୁ ଏବଂ ସହରାଞ୍ଚଳର ୧୦୭.୪୫ରୁ ୧୦୮.୦୭କୁ ବୃଦ୍ଧି ପାଇଛି। ଅଦା, ପିଆଜ, ରଶୁଣ ଆଦିର ମୂଲ୍ୟ ୪୩ ପ୍ରତିଶତରୁ ୭୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ସମୟରେ ସୁନା, ହୀରା ଓ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପାଖାପାଖି ୩୫% ଯାଏ ବଢ଼ିଛି। ଅନ୍ୟପକ୍ଷରେ ପ୍ରସାଧାନ, ଔଷଧ ଆଦିରେ ୧୫.୧୭% ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ରେସ୍ତୋରାଁ ଓ ହୋଟେଲ ସେବାରେ ଏହା ୮.୩୮ ପ୍ରତିଶତ, ଖାଦ୍ୟ ଓ ପାନୀୟରେ ୫.୬୬ ପ୍ରତିଶତ ଏବଂ ପରିବହନ କ୍ଷେତ୍ରରେ ୪.୬୦ ପ୍ରତିଶତ ରହିଛି। ଶିକ୍ଷା ସେବାରେ ୩.୭୩ ପ୍ରତିଶତ, ପୋଷାକ ଓ ଜୋତାରେ ୩.୫୬ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧.୩୪ ପ୍ରତିଶତ ମୁଦ୍ରାସ୍ଫୀତି ରହିଛି।

## ପୌର ନିର୍ବାଚନ...

ଚୂଡ଼ାନ୍ତ ୱାର୍ଡ ପୁନର୍ଗଠନ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଧାର୍ଯ୍ୟ ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି, ଆଗାମୀ ସାଧାରଣ ପୌର ନିର୍ବାଚନ ପାଇଁ ବିଭିନ୍ନ ଜିଲ୍ଲାର ୧୦୭ଟି ପୌରସଂସ୍ଥାର ତାଲିକା ରହିଛି। ଏଥିରେ ମ୍ୟୁନିସିପାଲିଟି ଓ ଏନ୍‌ଏସି ସହିତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ମଧ୍ୟ ସାମିଲ ଅଛି। ଭୁବନେଶ୍ୱର, ବ୍ରହ୍ମପୁରରେ ନୂତନ ୱାର୍ଡ ବିନ୍ୟାସ ସାଙ୍ଗକୁ ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ନୂଆ ଗ୍ରାମାଞ୍ଚଳ ସାମିଲ ହୋଇଥିବାରୁ ଏହି ଦୁଇ ମହାନଗର ନିଗମର ୱାର୍ଡ ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣ ଆବଶ୍ୟକ ହୋଇଛି। ଏହି ପ୍ରକ୍ରିୟା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ, ୨୦୦୩ ଅନୁସାରେ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମର ୱାର୍ଡ ସୀମା ନିର୍ଦ୍ଧାରଣ ସମ୍ପର୍କିତ ମାମଲା ହାଇକୋର୍ଟରେ ଖାରଜ ହୋଇଥିବା ବେଳେ ରାଉରକେଲା ମହାନଗର ନିଗମର ୩ ଟି ୱାର୍ଡ ସମ୍ପର୍କିତ ମାମଲା ବିଚାରାଧୀନ ଥିବା ନିର୍ବାଚନ କମିଶନଙ୍କ ଚିଠିରେ ଉଲ୍ଲେଖ ରହିଛି।

## ଘରକୁ ଫେରିବା ବେଳେ...

ଅନ୍ତର୍ଗତ ସୁଖାଡିହି ଗ୍ରାମର ଭରତ ଧୁରୁଆଙ୍କ ପତ୍ନୀ ଜ୍ୟୋତି ଗଣ୍ଡ (୨୩) ଏବଂ ତାଙ୍କ ଅଢ଼େଇ ବର୍ଷର ପୁଅ ଆୟାଂଶ ବୋଲି ଜଣାପଡ଼ିଛି। ଆହତ ଭରତ ବର୍ତ୍ତମାନ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ଭରତ ଧୁରୁଆ ପରିବାରସହ ବଜାଜ୍ ପ୍ଲାଟିନା ବାଇକ୍ ରେ ନିଜ ଗ୍ରାମ ସୁଖାଡିହି ଅଭିମୁଖେ ଯାଉଥିଲେ। ରାଜ୍ୟ ରାଜପଥ-୧୦ ବିଜୁ ଏକ୍ସପ୍ରେସ ୱେରେ ଯାଉଥିବାବେଳେ ରେଙ୍ଗାଲିର ଖୁଣ୍ଟା ସିଟିଆର୍ ଛକ ନିକଟରେ ଦ୍ରୁତଗତିରେ ଆସି ଏକ କୋଇଲା ବୋଝେଇ ଟ୍ରକ୍ (ଓଆର୍-୦୪ ଏମ୍-୧୪୨୭) ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଧକ୍କାର ତୀବ୍ରତା ଯୋଗୁଁ ମହିଳା ଓ ତାଙ୍କ ପୁଅ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ ଭରତ ମଧ୍ୟ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରକ ଚାଳକ ଟ୍ରକ୍ ଛାଡ଼ି ଫେରାର ହୋଇଯାଇଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କୁ କ୍ଷତିପୂରଣ ଏବଂ ଟ୍ରକ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ରାଉରକେଲା-ସମ୍ବଲପୁର ୧୦ ନମ୍ବର ରାଜ୍ୟ ରାଜପଥ କିଛିସମୟ ପାଇଁ ଲୋକେ ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକିରହି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଏନେଇ ଠେଲକୋଲୋଇ ଥାନାରେ ମାମଲା ରୁଜୁ ହେବାସହ ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଜଳିଗଲା ପେଣ୍ଡାଲ...

ନିଆଁ ଲାଗିଯାଇଥିଲା। କମିଟି ପକ୍ଷରୁ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ସଙ୍ଗେସଙ୍ଗେ ପେଣ୍ଡାଲ ସହ ଭିତରେ ଥିବା ଗଣେଶଙ୍କ ମୂର୍ତ୍ତିରେ ମଧ୍ୟ ନିଆଁ ଲାଗିଯାଇଥିଲା। ପୂଜା ସାମଗ୍ରୀ, ଟେଣ୍ଟ କପଡ଼ା, ସବୁ ଜଳି ଛାରଖାର ହୋଇଯାଇଛି। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ହେଲେ ନିଆଁ ଆୟତ୍ତ ହେବା ପୂର୍ବରୁ ସବୁ ଜଳିଯାଇଥିଲା। ଏହି ଘଟଣାପରେ କମିଟି ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ସର୍ଟସର୍କିଟରୁ ଘଟିଥିବା ନେଇ ଆଶଙ୍କା କରାଯାଉଛି।

## ଘରେ ବାପା ଦଗ୍ଧ...

ଜିତେନ୍ଦ୍ର ଗୋଟିଏ ଘରେ ଓ ତାଙ୍କ ପୁଅ ଅନ୍ୟଏକ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କୋ÷ଣସି କାରଣରୁ ଜିତେନ୍ଦ୍ର ଶୋଇଥିବା ଘରେ ନିଆଁ ଲାଗି ଯାଇଥିଲା। ପଡ଼ୋଶୀ ଦେଖି ପାଟି କରିବାରୁ ରୋହିତ ଉଠି ଆସିଥିଲେ। ଜିତେନ୍ଦ୍ର ଘର ଭିତରୁ ବନ୍ଦ କରି ଶୋଇଥିବାରୁ ଉଦ୍ଧାର କରାଯାଇପାରିନଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଜିତେନ୍ଦ୍ର ପୋଡ଼ିହୋଇ ମୃତ୍ୟୁ ଘଟି ସାରିଥିଲା। ପ୍ଲାଣ୍ଟସାଇଟ୍ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ କିପରି ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ଜିତେନ୍ଦ୍ରଙ୍କ ସ୍ତ୍ରୀ, ବୋହୂ ଓ ଝିଅ ବନ୍ଧୁ ଘରକୁ ଯାଇଥିବାବେଳେ ଏହି ଅଘଟଣ ଘଟିଛି।

**ସୋସିଆଲ ମିଡିଆରେ ଭାଇରାଲ ହେଲା ମହିଳା ବାଇକର୍‌ଙ୍କୁ କାର୍ ଧକ୍କା**

## ରାସ୍ତାରେ ଅନେକଥର ଗଡ଼ିଲେ; ନିଜେ ବାଇକ୍ ଚଳାଇ ଘରେ ପହଞ୍ଚିଲେ

ଗୁରୁଗ୍ରାମ୍,୧୪।୯(ଏଜେନ୍ସି): ଗୁରୁଗ୍ରାମରେ ଜଣେ ମହିଳା ବାଇକର୍‌ଙ୍କୁ ଏକ ଧଳା ରଙ୍ଗର ସେଡାନ୍ କାର୍ ଦ୍ରୁତ ଗତିରେ ପାର୍ଶ୍ୱରୁ ଧକ୍କା ଦେଇଥିବା ଘଟଣାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। 'ରେବେଲ୍ ହ୍ୱିଲ୍ସ ସିଆ' ନାମରେ ପରିଚିତ ଏହି ମହିଳା ବାଇକର୍ ଦୁର୍ଘଟଣା ପରେ ଗୁରୁତର ଆହତ ହୋଇନଥିବା ବେଳେ ନିଜେ ବାଇକ୍ ଚଳାଇ ଘରକୁ ଫେରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ସିଆ ଏକ ଦଳ ବାଇକର୍‌ଙ୍କ ସହ ଯାଉଥିବା ବେଳେ ଏକ ଧଳା କାର୍ ତାଙ୍କୁ ଅନୁସରଣ କରୁଥିଲା। କିଛି ସମୟ ପରେ ସେ କାର୍ ଚାଳକଙ୍କୁ ଦୁଇ ଗାଡ଼ି ମଧ୍ୟରେ ଯଥେଷ୍ଟ ଦୂରତା ରଖିବାକୁ କହିଥିଲେ। ଏହାର କିଛି ସେକେଣ୍ଡ ପରେ କାର୍‌ଟି



ଡାହାଣ ପାର୍ଶ୍ୱର ଲେନ୍‌ରୁ ବାମପଟକୁ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ପରେ ସିଆ ରାସ୍ତା ଉପରେ ପଡ଼ି ଅନେକ ଥର ଗଡ଼ିଥିଲେ। ତାଙ୍କ ବାଇକ୍ ରାସ୍ତାରେ ଘୋଷାଡ଼ି ହେବା ବେଳେ ସେଥିରୁ ସ୍ପାର୍କ ବାହାରୁଥିବା ଦୃଶ୍ୟ ତାଙ୍କ ବାଇକ୍‌ରେ ଲାଗିଥିବା କ୍ୟାମେରାରେ କଏଦ ହୋଇଛି। ସୋସିଆଲ୍ ମିଡିଆରେ ଭିଡିଓକୁ ଦେଖି ଅନେକେ ଏହାକୁ ଜାଣିଶୁଣି ଧକ୍କା ଦେବା ଭଳି ଘଟଣା ବୋଲି ମତ ଦେଇଛନ୍ତି। ତେବେ ଏହା ଉଦ୍ଦେଶ୍ୟମୂଳକ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ପରିବାର ଅନୁସାରେ, ଦୁର୍ଘଟଣା ପରେ ସିଆ ପ୍ରଥମେ ନିଜ ଶରୀରରେ ଆଘାତ ଲାଗିଛି କି ନାହିଁ ଯାଞ୍ଚ କରିଥିଲେ। ତାଙ୍କ ସୁରକ୍ଷା ସାମଗ୍ରୀ ଯୋଗୁଁ ଆଘାତ ଗୁରୁତର ହୋଇନଥିଲା। କେବଳ ହାତ ଓ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଛି। ଦୁର୍ଘଟଣା ସମୟରେ ପଛରେ କୌଣସି ଭାରୀ ଯାନ ନ ଥିବାରୁ ବଡ଼ ବିପଦ ଟଳିଥିବା ତାଙ୍କ ସାଙ୍ଗମାନେ କହିଛନ୍ତି। ଘଟଣାରେ ଧଳା ସେଡାନ୍ ଚଳାଉଥିବା କଲ୍ୟାଣ ବୈନ୍ସଲାଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରାଯାଇଛି। ଘଟଣା ପରେ ସେ ନିଜ ସୋସିଆଲ୍ ମିଡିଆ ଖାତା ନିଷ୍କ୍ରିୟ କରିଦେଇଥିବା ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ପୁଲିସ ୩ଟି ଟିମ୍ ଗଠନ କରିଛି। କାର୍‌ର ମାଲିକ ହରିୟାଣାର ପାଲୱାଲ୍ ବାସିନ୍ଦା ମନୀଷ ବୋଲି ପୁଲିସ ସୂଚନାରୁ ଜଣାପଡ଼ିଛି। ତାଙ୍କ କହିବା ଅନୁସାରେ, ତାଙ୍କ ବନ୍ଧୁ ରବିବାର କାର୍‌ଟି ନେଇ ଯାଇଥିଲେ ଏବଂ ଭିଡିଓ ଭାଇରାଲ୍ ହେବା ପରେ ସେ ଘଟଣା ସମ୍ପର୍କରେ ଜାଣିଥିଲେ।


**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 5571, dated 09.09.2026, I am Prafulla Kumar Das, S/o- Srimanta Das, At-Bagrukhi,Po -Baitpur, PS-Bhograi District-Balsore, Odisha, pin-756035 declare that, I have changed my minor daughter name from Manalisa Das to Monalisa Das.Henceforth, she shall be known as **Monalisa Das** for all purpose.

**AFFIDAVIT**

By Virtue of an affidavit sworn before Executive Magistrate Bhograi , no- 2403, dated 01.09.2026, I Saharuk Beg S/o Taraf Beg, At-Purusottampur, Po-Kakhada PS- Bhograi District-Balsore, Odisha, pin-756039 declare that, I have changed my name from Saruba Beg to Saharuk Beg .Henceforth, I shall be known as **Saharuk Beg** for all purposes.


**ବନ୍ୟା ପରେ ନେପାଳକୁ ଦୈନିକ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଦେବ ଭାରତ**

## ୨୮ ଲକ୍ଷ ଘରର ଆବଶ୍ୟକତା ମେଣ୍ଟାଇବ

ନୂଆଦିଲ୍ଲୀ/କାଠମାଣ୍ଡୁ, ୧୪।୯(ଏଜେନ୍ସି): ସାମ୍ପ୍ରତିକ ବନ୍ୟାରେ ନେପାଳର ଜଳବିଦ୍ୟୁତ୍ ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହେବା ପରେ ଭାରତ ସହାୟତାର ହାତ ବଢ଼ାଇଛି। ଭାରତୀୟ ବିଦ୍ୟୁତ୍ ମନ୍ତ୍ରଣାଳୟ ନେପାଳକୁ ପ୍ରତିଦିନ ୬୫୪ ମେଗାୱାଟ୍ ବିଦ୍ୟୁତ୍ ଯୋଗାଣକୁ ଅନୁମୋଦନ କରିଛି। ଡିସେମ୍ବର ୩୧, ୨୦୨୬ ପର୍ଯ୍ୟନ୍ତ ଦୈନିକ ୧୮ ଘଣ୍ଟା—ମଧ୍ୟରାତ୍ରିରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ—ଏହି ବିଦ୍ୟୁତ୍ ଯୋଗାଣ ହେବ। ଏତେ ପରିମାଣର ବିଦ୍ୟୁତ୍ ନିରବଚ୍ଛିନ୍ନ ଭାବେ ମିଳିଲେ ପ୍ରାୟ ୨୮ ଲକ୍ଷ ପରିବାରର ବାର୍ଷିକ ବିଦ୍ୟୁତ୍ ଆବଶ୍ୟକତା ପୂରଣ ହୋଇପାରିବ। ଅଗଷ୍ଟ ୨୬ର ବନ୍ୟାରେ ନେପାଳର ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରଭାବିତ ହେବାରୁ ଦେଶର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହ୍ରାସ ପାଇଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୩-୨୪ରେ ଭାରତ ନେପାଳକୁ ପ୍ରାୟ ୧୮ କୋଟି ୟୁନିଟ୍ ବିଦ୍ୟୁତ୍ ଯୋଗାଇଥିଲା। ଏହାର ହାରାହାରି କ୍ଷମତା ପ୍ରାୟ ୨୦୬ ମେଗାୱାଟ୍ ଥିଲା। ଶୀତ ଋତୁରେ ନେପାଳ ଭାରତରୁ ବିଦ୍ୟୁତ୍ ଆମଦାନି କରୁଥିବାବେଳେ ବର୍ଷା ଋତୁରେ ନିଜ ଅତିରିକ୍ତ ବିଦ୍ୟୁତ୍ ଭାରତକୁ ବିକ୍ରି କରିଥାଏ। ବନ୍ୟା ଯୋଗୁଁ ନେପାଳର ଭୋଟେକୋଶୀ ନଦୀ ଅଞ୍ଚଳର ଶକ୍ତି କ୍ଷେତ୍ରରେ ପ୍ରାୟ ୯୯୭ ନିୟୁତ ଡଲାରର କ୍ଷତି ହୋଇଛି। ଏହା ଫଳରେ ବାର୍ଷିକ ପ୍ରାୟ ୨, ୫୨୦ ଗିଗାୱାଟ୍ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବାର ଆକଳନ କରାଯାଇଛି। ନେପାଳର ଜାତୀୟ ବିପର୍ଯ୍ୟୟ ଝୁମ୍ପ ହ୍ରାସ ଓ ପରିଚାଳନା ପ୍ରାଧିକରଣ ଅନୁସାରେ, ବନ୍ୟାରେ ମୋଟ କ୍ଷୟକ୍ଷତି ପ୍ରାୟ ୨.୭ ବିଲିୟନ୍ ଡଲାର ରହିଛି। ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ପ୍ରାୟ ୬୯ କିଲୋମିଟର ରାସ୍ତା ନଷ୍ଟ ହୋଇଛି।

## ମହାରାଷ୍ଟ୍ରରେ ଶୀତକାଳୀନ ଅଧିବେଶନରେ ଆସିପାରେ ୟୁସିସି ବିଲ୍: ଫଡନାଭିସ୍

ମୁମ୍ବାଇ, ୧୪।୯(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛି। ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏହା କହିଛନ୍ତି। ୟୁସିସି ପାଇଁ ଗଠିତ ୭ ଜଣିଆ କମିଟି ରିପୋର୍ଟ ଦେବା ପରେ ସରକାର ଆଗକୁ ବଢ଼ିବ ବୋଲି ଫଡନାଭିସ୍ କହିଛନ୍ତି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିକୁ ଜୁଲାଇରେ ୬ ମାସ ମଧ୍ୟରେ ସୁପାରିସ ଦେବାକୁ ସମୟ ଦିଆଯାଇଛି। ଫଡନାଭିସ୍ କହିଛନ୍ତି, କମିଟି ଏବେ ୟୁସିସିର ରୂପରେଖା ପ୍ରସ୍ତୁତ କରୁଛି। ରିପୋର୍ଟ ମିଳିବା ପରେ ଏହାର ଆଧାରରେ ବିଧାନସଭାରେ ବିଲ୍ ଆଗତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ନିକଟରେ କହିଥିଲେ ଯେ ୨୦୨୯ ପୂର୍ବରୁ ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଥିବା ୨୧ଟି ରାଜ୍ୟରେ ୟୁସିସି ଲାଗୁ କରାଯିବ।


**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଡୁଙ୍ଗୁରିପାଲି**

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ "ନୂଆଁଖାଇ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀ ଓ ଜନସାଧରଣଙ୍କୁ ଶୁଭେଚ୍ଛା ମାଁ ସୁରେଶ୍ୱରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇ ସୁଖ ଓ ସମୃଦ୍ଧି କରନ୍ତୁ ଏହାହିଁ ପ୍ରାର୍ଥନା ।

| ସମ୍ପାଦକ | ଅଧ୍ୟକ୍ଷ |
|---|---|
| ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି | ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି |

**ନୁଆଖାଇ ଜୁହାର**

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

### ମା’ ସମଲେଶ୍ୱରୀଙ୍କ ପୀଠରେ ନବାନ୍ନ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ

# ନିଶାର୍ଦ୍ଧରେ ଗୁପ୍ତନୀତି; ଲଗ୍ନ ଅନୁସାରେ ନବାନ୍ନ ଭକ୍ଷଣ

**ବରଗଡ଼, ୧୪।୯ (ସମିସ)**

ନୂଆ ଧାନର ଆଗମନ ଏବଂ ପ୍ରକୃତିର ଅପୂର୍ବ ସାଜସଜ୍ଜା ଭିତରେ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ବରଗଡ଼ରେ ଆଜିଠାରୁ ଆରମ୍ଭ ହୋଇଯାଇଛି ଗଣପର୍ବ ନୂଆଁଖାଇର ଉତ୍ସବମୁଖର ପରିବେଶ। ସହରର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା’ ଭଗବତୀ ସମଲେଶ୍ୱରୀଙ୍କ ପୀଠରେ ମା’ଙ୍କ ବାର୍ଷିକ ନବାନ୍ନ ଲାଗି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିର ପରିସରକୁ ଆକର୍ଷଣୀୟ ଆଲୋକମାଳା ଓ ଫୁଲରେ ସଜ୍ଜିତ କରାଯାଇଛି।

ପରମ୍ପରା ଅନୁଯାୟୀ, ସୋମବାର ନିଶାର୍ଦ୍ଧ ପରେ ଏବଂ ମଙ୍ଗଳବାର ପାହାନ୍ତିଆ ପୂର୍ବରୁ ଏକ ନିରୋଳା ଓ ଶୂନଶାନ୍ ପରିବେଶରେ ସେବକମାନଙ୍କ ଦ୍ୱାରା ସ୍ୱତନ୍ତ୍ର ନବାନ୍ନ ଭୋଗ ପ୍ରସ୍ତୁତ କରାଯାଇ ମା’ଙ୍କୁ ଅର୍ପଣ କରାଯିବ। ଏହି ନିଆରା ପରମ୍ପରା ଅନୁଯାୟୀ ମୁଖ୍ୟ ପଣ୍ଡିତ ଓ ନିର୍ଦ୍ଦିଷ୍ଟ ସେବକଙ୍କ ବ୍ୟତୀତ ଅନ୍ୟ କେହି ସେହି ସମୟରେ ଗର୍ଭଗୃହକୁ ପ୍ରବେଶ କରନ୍ତି ନାହିଁ। ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ଼ ଓ ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ ଗୁପ୍ତ ନୀତିକାନ୍ତି ସମ୍ପାଦିତ ହେଉଛି। ମା ସମଲେଶ୍ୱରୀଙ୍କ ପୀଠର ପଣ୍ଡିତ ଚୂଡ଼ାମଣୀ ରଥ ଏବଂ ପଣ୍ଡିତ ବିଘ୍ନରାଜ ଦାଶଙ୍କ ଜ୍ୟୋତିଷୀୟ ଗଣନା ଅନୁଯାୟୀ, ଆଜି ଅର୍ଥାତ୍ ଭାଦ୍ରବ ଶୁକ୍ଲପକ୍ଷ ଋଷି ପଞ୍ଚମୀ (୧୫ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର) ଦିନ ସିଂହ ୩୦ ଦିନ, ସ୍ୱାତୀ ନକ୍ଷତ୍ର, ତୁଳା ଚନ୍ଦ୍ର ଏବଂ ତୁଳା ଲଗ୍ନେ ଭଦ୍ର ଯୋଗରେ ଅମୃତ ବେଳା ପଡୁଛି। ଏହି ପବିତ୍ର ଅମୃତ ବେଳାରେ ଅର୍ଥାତ୍ ପୂର୍ବାହ୍ନ ୯:୩୩ ମିନିଟ୍ ଗତେ ୯:୪୬ ମିନିଟ୍ ମଧ୍ୟରେ ସର୍ବସାଧାରଣ ନିଜ ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ନିଜେ ନବାନ୍ନ ଭକ୍ଷଣ କରିପାରିବେ।

# ନିଶାସକ୍ତ ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ମୃତ

**ବେସାହାରା ହୋଇଗଲେ ଦୁଇ ସନ୍ତାନ**

**ଅନ୍ତିମ ସତ୍କାର କଲା ସଂକଳ୍ପ ପରିବାର**

**ବରଗଡ଼, ୧୩।୯ (ସମିସ):** ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଅମ୍ଲିପାଲି ପଞ୍ଚାୟତର ଗଡ଼ତିଆଟିକ୍ରା ଗାଁରେ ନିଶାସକ୍ତ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଗ୍ୟବତୀ ଖଡ଼ିଆ। ଅତାବିରା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଅମ୍ଲିପାଲିର ରାଜକୁମାର ଖଡ଼ିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ତେବେ ବ୍ୟବଚ୍ଛେଦ ପରେ ଅନ୍ତିମ ସତ୍କାର ପାଇଁ ପରିବାର ପାଖରେ ଆର୍ଥିକ ସମ୍ବଳ ନଥିବାରୁ ମୃତଦେହ ଅସହାୟ ଅବସ୍ଥାରେ ପଡ଼ିରହିଥିଲା। ଏନେଇ ଅତାବିରା ପୁଲିସର ସୂଚନା ଓ ଅମ୍ଲିପାଲି ସରପଞ୍ଚଙ୍କ ଅନୁରୋଧ ପରେ ସଂକଳ୍ପ ପରିବାର ପକ୍ଷରୁ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତକ ଭାଗ୍ୟବତୀଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ମା’ଙ୍କୁ ହରାଇବା ପରେ ଦୁଇ ଛୋଟ ଛୁଆ ଏବେ ଅସହାୟ ହୋଇପଡ଼ିଛନ୍ତି। ଅନ୍ତିମ ସତ୍କାର ସମୟରେ ଅଭିଯୁକ୍ତଙ୍କ ଭାଇ ପରିବାରର ଦୁଃଖଦ ସ୍ଥିତି ବର୍ଣ୍ଣନା କରି ନିଶା ପ୍ରଭାବରେ ଏଭଳି ଘଟଣା ଆଉ କୌଣସି ପରିବାରରେ ନ ଘଟୁ ବୋଲି କାନ୍ଦି କାନ୍ଦି କହିଥିଲେ। ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସକ୍ରିୟ ସଦସ୍ୟ ବିକାଶ ଭୋଇ ଓ ଅସିତ ଖମାରୀ ପ୍ରମୁଖ ଶବ ଦାହରେ ସହଯୋଗ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଗଣେଶ ପୂଜା

**ବରଗଡ଼, ୧୩।୯ (ସମିସ):** ସ୍ଥାନୀୟ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନାଙ୍କ ସମେତ କମଳା ଦାଶ, ଗୀତାଞ୍ଜଳି ପ୍ରଧାନ, ଜ୍ୟୋସ୍ନାରାଣୀ ସାହୁ, ରଶ୍ମି ରେଖା ସାହୁ, ଅନୀତା ଭୋଇ, ବବିତା ବରିହା, ବନ୍ଦିତା ଭୋଇ, ନୀମା ସାହି, ଅନସୂୟା ପ୍ରଧାନ, ଚନ୍ଦନ ପଟେଲ, ପ୍ରତାପ ସାହୁ, ଦିପ୍ତୀମୟୀ ସାହୁ, ସ୍ନେହ ଲତା ସାହୁ, ଧନଞ୍ଜୟ ଦୀପ, ପିଣ୍ଟୁ ଶତପଥୀ, କୈଳାସ ବେହେରା, ଗୀତାଞ୍ଜଳି ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଇକୋ ଫ୍ରେଣ୍ଡଲି ଗଣେଶ ପୂଜା ପାଳିତ ହୋଇଯାଇଛି। କେବଳ ପ୍ରାକୃତିକ ରଙ୍ଗ ଏବଂ ମୃତ୍ତିକାରେ ନିର୍ମିତ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତିକୁ କାଗଜ, ପତ୍ର ଓ ପ୍ରାକୃତିକ ଫୁଲ, ଫଳ ତଥା କାଣ୍ଡକୁ ବ୍ୟବହାର କରି ସଜାଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବରଗଡ଼ ସ୍ଥିତ ଇମ୍ପେରିଏଲ୍ କଲେଜରୁ ପ୍ରାପ୍ତ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ଗ୍ରହଣ କରିବା ପରେ ସାଜସଜ୍ଜା ପାଇଁ ବିଦ୍ୟାଳୟରେ କେବଳ ଜୈବ ଅବକ୍ଷୟକ୍ଷମ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏକ ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି କରିବା ସହିତ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି। ବିଦ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ପୂଜାକାର୍ଯ୍ୟ ପୁରୋହିତ ସୀତାରାମ ରଥ ତୁଲାଇଥିଲେ।

## ବରଗଡ଼ ଓପିଏଚ୍‌ସିଏ ନିର୍ବାଚନ ଫଳାଫଳ ଘୋଷିତ

**ବରଗଡ଼, ୧୩।୯ (ସମିସ):** ବରଗଡ଼ ଜିଲ୍ଲାରେ ଅନୁଷ୍ଠିତ ଓପିଏଚ୍‌ସିଏ ଆସୋସିଏସନ୍ ନିର୍ବାଚନ-୨୦୨୬ର ଫଳାଫଳ ଘୋଷଣା କରାଯାଇଛି। ସଭାପତି ଭାବେ ସନତ କୁମାର ହୋତା ୩୦୦ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଉପସଭାପତି ଧନେଶ୍ୱର ମେହେର ୩୨୬ ଭୋଟ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଉମାକାନ୍ତ ସାହୁ ୩୦୨ ଭୋଟ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ-୧ ଭାବେ ମନୋଜ କୁମାର ସାହୁ ୨୬୮ ଭୋଟ ଏବଂ ଯୁଗ୍ମ ସମ୍ପାଦକ-୨ ଭାବେ ରବିନାଥ ବାଗ ୩୦୭ ଭୋଟ ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ପଧାନ ୧୯୩ ଭୋଟ ପାଇ ବିଜୟୀ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ରାଧେଶ୍ୟାମ ସେଠ (୨୮୬), ସୁଦୀପ କୁମାର ଭୋଇ (୨୬୭), ଭାଗ୍ୟବାନ ସାହ (୨୪୮), ନୃପରାଜ ବେହେରା (୨୩୪) ଓ ରୋହିତା ସେଠ (୨୩୨) ଭୋଟ ପାଇ ନିର୍ବାଚିତ ହୋଇଛନ୍ତି।

# ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ବସ୍ତ୍ର ଦେଲେ ଡାକ୍ତର

**ବିଜେପୁର, ୧୩।୯ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ପାର୍ବତୀ ଗିରି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମେହେର ଓ ତାଙ୍କ ଧର୍ମପତ୍ନୀ ବସ୍ତ୍ରଦାନ କରିଛନ୍ତି। ନୂଆଁଖାଇ ଖୁସିର ପର୍ବରେ ଅନ୍ତେବାସୀମାନେ ନୂଆଁ କପଡ଼ା ପିନ୍ଧିବା ଆବଶ୍ୟକତା ମନେକରି ଏହି ବ୍ୟବସ୍ଥା ସେମାନେ କରିଛନ୍ତି।

# ଏକ ଦିବସୀୟ ଭେଟେରାନ୍ ଫୁଟବଲ୍ ପ୍ରତିଯୋଗିତା

**ବରପାଲି, ୧୩।୯ (ସମିସ):** ବରପାଲି ବ୍ଲକ ଅଇଁଠାପାଲି ଖେଳପଡ଼ିଆ ପରିସରରେ ଏକ ଦିବସୀୟ ପ୍ରଥମ ଭେଟେରାନ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ସିକିର୍ଡି ଓ ଅଇଁଠାପାଲି ଦଳ ମଧ୍ୟରେ ହୋଇଥିବା ବେଳେ ସିକିର୍ଡି ଚାମ୍ପିଅନ୍ ହୋଇଛି।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରେମାନନ୍ଦ ପଟେଲ ଓ ସମ୍ମାନିତ ଅତିଥି ଭାବରେ ସଚ୍ଚିଦାନନ୍ଦ ପଣ୍ଡା ଯୋଗ ଦେଇ ବିଜେତା ଦଳ ଏବଂ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଅର୍ଜୁନ ସର୍ବୋତ୍ତମ ଖେଳାଳି ହୋଇଥିବା ବେଳେ ଡିଫେଣ୍ଡର ଭାବରେ ମନୋଜ ଓ ସର୍ବୋତ୍ତମ ଗୋଲକିପର ପୁରନ୍ଦର ବିବେଚିତ ହୋଇଥିବା ବେଳେ ସୁଶାନ୍ତଶ୍ରେଷ୍ଠ ଅଗ୍ରଗାମୀ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଆୟୋଜନରେ ଅଇଁଠାପାଲୀ ଆଥଲେଟିକ୍ ଆସୋସିଏସନ୍ କର୍ମକର୍ତ୍ତା ଓ ସଦସ୍ୟ ମାନେ ସହଯୋଗ କରିଥିଲେ।

## ବରଗଡ଼ ବିଧାୟକଙ୍କ ବ୍ୟାନର ହଟାଇବାକୁ ନେଇ ଏତଲା

**ବରଗଡ଼, ୧୩।୯ (ସମିସ):** ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ନୂଆଁଖାଇ ବ୍ୟାନର୍ ଗାନ୍ଧୀଛକଠାରେ ଲାଗିଥିବା ବେଳେ କେହି ଅସାମାଜିକ ବ୍ୟକ୍ତି ଗତକାଲି ହଟାଇ ଦେଇଛି। ଆଜି ବରଗଡ଼ ନଗରମଣ୍ଡଳ ତରଫରୁ ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି। ବିଭୂତି ଭୂଷଣ ଦାଶ, ଡୋଳାମଣି ଶାହା, ହୃଷୀକେଶ ଛତର, ପିଙ୍କୁ ମେହେର, ଗୋବିନ୍ଦ ସାହୁ, ଅନ୍ୱେଶ ମହାପାତ୍ର, ଗୋବିନ୍ଦ ସାହୁଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ପାଇଁ ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


## କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବରଗଡ଼, ୧୪।୯ (ସମିସ):** ଅତାବିରା ଥାନା ପାହାଡ଼ଶ୍ରୀଗିଡ଼ା ପଞ୍ଚାୟତ ରେଙ୍ଗୋଲି ଝାରବାହାଲିର ସତ୍ୟନାରାୟଣ ମିର୍ଦ୍ଧା(୨୬)ଙ୍କ କେନାଲରେ ବୁଡି ମୃତ୍ୟୁ ଘଟିଛି। ସେ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିବାବେଳେ ନୂଆଁଖାଇ ପାଇଁ ପତ୍ନୀ ସହ ଗତକାଲି ଗାଁକୁ ଆସିଥିଲେ। ଆଜି ସକାଳ ପ୍ରାୟ ସାଢ଼େ ୮ଟାରେ ବରଗଡ଼ ମୁଖ୍ୟ କେନାଲକୁ ଗାଧେଇବାକୁ ଯାଇ ସ୍ରୋତରେ ଭାସି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କିଛି ଦୂରରୁ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ସେ କୃଷ୍ଣ ମିର୍ଦ୍ଧାଙ୍କ ଏକମାତ୍ର ପୁଅ ହୋଇଥିବାବେଳେ ତାଙ୍କ ମୃତ୍ୟୁରେ ମା’-ବାପା, ପତ୍ନୀ, ତିନି ଭଉଣୀ ବେସାହାରା ହୋଇଯାଇଛନ୍ତି।



































# ଭାବବନ୍ଧନର ପରବ -ନୂଆଁଖାଇ

**ସମାରୁ ବୁଢ଼ାର ମନେ ଆଏଜ୍ କେତେନିଟେ ଉସ୍‌ନାକି । କାଏଁଜେ ବଏଲେ ବଛରଟାକ ଫେର୍ ଥରେ କିନ୍ଦରି ଆସିଛେ ଭାବ, ସେନ୍‌ହୋ, ଉସତ୍ ଆର୍ ଆନନ୍ଦର ପରବ ନୂଆଁଖାଇ । ବରଷ୍ ସାରା ଝାଲ ବୁହେଇ ଯେନ୍ ସୁନାର ଫସଲ ଫଲେଇଛେ, ଆଏଜ୍ ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ପାଖେ ପହେଲା ଭୋଗ ଲଗାବା ।**

ସମାରୁ ବୁଢ଼ାର ଦୁଇଟା ପୁଓ—ମକାରୁ ଆର୍ ଗୌରାଙ୍ଗ । ମକାରୁ ଗାଁନେ ରହି ଚାଷକାମ ବୁଝାବୁଝି କରସି, ଆର୍ ଗୌରାଙ୍ଗ ବେଙ୍ଗାଲୁରୁନେ ରହି ଚାକିରି କରସି । ଜରୁରୀ ଅଫିସ୍ କାମ କହି ଗଲା ଦୁଇ ବଛର ହେଲା ନୂଆଁଖାଇରେ ଘରକେ ନାଇଁ ଆସି । ବୁଢ଼ା-ବୁଢ଼ିର ମନ୍ ହେତିର୍ ଲାଗି ବଡ଼ା ଦୁଃଖ୍ ।

ଇ ବଛର ବି ଗୌରାଙ୍ଗକେ ବୁଢ଼ା ଫୋନ୍ କରି ଦୁଇ ଦିନ ଆଘୋରୁ ଆସବାର୍‌କେ କହିଛେ । ହେଲେ ଗୌରାଙ୍ଗ, ‘ପର ଆଏତେ ଅଛେଁ, ସିଓର୍ ଚେଷ୍ଟା କରମି ବାପା’ ବଲି କଥା ଦେଇଛେ ।

ଗାଁ ଘରର ମାଁ-ମାଉସୀ ସଭେ ନୂଆ କପଟା ପିନ୍ଧି, ସରିଆଁ ଧାନକେ କୁଟି ଚୁରାକୁଁଡା ସାଙ୍ଗେ ନାନାଦି ପିଠାପନା, ଖୀରି-ପୁରୀ ତିଆର୍ କରୁଛନ୍ । ଗାଁର ଗଉଁତିଆ ଡାକରା ଦେଇଥିବାର ଶୁଭଲଗନ୍‌ରେ ଗାଁର ସଭେ ନିଜର ଇଷ୍ଟଦେବୀ ଠାନେ ଭୋଗ ଲଗେଇ ଚୁରାକୁଁଡା ଖାଏବେ ।

ଗାଁର ଯାହାର ଘରକେ ଦେଖ, ଯେତେ ଯାହା ଦୂରେ ଥିଲେ ଗଲେ ଭାଏ-ଦଦା ସଭେ ଗୁଟେଠାନେ ଜମା ହେଇଛନ୍ । ଯେତେ ଯାହା ହେଲେ ବି, ଘାଏ ଘାଏ ସମାରୁ ବୁଢ଼ା ଆର୍ ତାର ସିଆନି ବଡ଼ଖା ପୁଓ ସାଙ୍ଗେ ତାକର ନାତି-ନାତେନ୍‌କେ ସୋର୍ କରି କରି ମନେ ମନେ ହୁର୍‌ଗୁନି ହଉଛନ୍ । ବଡ଼ଖା ପିଲାର ସାଙ୍ଗଗୁଡ଼ାକ ପଚରେଇ କରି ଗଲେନ୍, ହେଲେ ବୁଢ଼ାର୍ ପାସେ ତାହାର ଉତ୍ତର ନାଇଁ ।

ବଡ଼ଖା ଦଦା ଚାକିରି କଲା ଯେ ଗାଁ, ଘର, ଭାଇ-ଦାଇ ସମକୁ ଭୁଲିଗଲା—ଭାବି ମଙ୍ଗଲୁର ମନେ ଗଲେ ବନେ ଅଭିମାନ ।

ସମାରୁ ବୁଢ଼ା ଗାଁ ଖୁଇଲ୍‌କେ ଟିକେ କାନ୍ ଡେରଲା, ସେଆଡୁ ଶୁଭଲା ମଟରଗାଡ଼ିର ଘଁ ଘଁ ଶବଦ୍ । ସଭେ ଧାଏଁଲେ ଗାଁ ଖୁଇଲ୍‌କେ । ଗୌରାଙ୍ଗ ତାର ସିଆନି ଆର୍ ଛୁଆପିଲା ସାଙ୍ଗେ ଗାଡ଼ିନୁ ତଲକେ ଉତୁରୁଛେ । ଗୌରାଙ୍ଗ ଆର୍ ତାର ସିଆନି ବୁଢ଼ାର ପାସକେ ଆସି ପାଦ ଛିଇଁଲେ । ନିଜର ପୁଓ ଆର୍ ନାତି-ନାତେନ୍‌କେ ଦେଖି ବୁଢ଼ାର ଆଁଖିର କରପନୁ ଦୁଇଧାର ଖୁସିର ଲହ ନିଥରି ପଡ଼ଲା ।

ବୁଢ଼ା ଆର୍ ମଙ୍ଗଲୁର ମନେ ଯେତେ ରାଗ, ରୁଷା, ଅଭିମାନ ଜମାଟ ବାନ୍ଧିଥିଲା, ଛନେକେ ସବୁ ଘିଅ ଲେଖେନ୍ ତରଲି ଗଲା । ଛୋଟ-ବଡ଼ ଭିତରେ ଥିବାର କାଁଥିଟା ଗୁଟେ ଝଟକାନେ ଧସ୍‌କି ଗଲା । ସଭେ ଗୁଟେଠାନେ ବସି ଚୁରାକୁଁଡା ଖାଏଲେ ।

ଗାଁ ଖୁଲି ଶୁଭୁଥିଲା—“ନୂଆଁଖାଇ ଜୁହାର, ନୂଆଁଖାଇ ଜୁହାର!”

ଛୋଟମାନେ ବଡ଼ଖାମାନକୁ ନୂଆଁଖାଇ ଜୁହାର୍ ଜନଉଥିଲେ ଆର୍ ବହ-ଭୁଆସେନ୍‌ମାନେ ବଡ଼ମାନକୁ ମୁଡ଼ିଆ ମାରି ଆଶୀର୍ବାଦ ଛିନୁଥିଲେ ।

ବେଲ୍ ବୁଡ଼ାକେ ଗାଁର କୁଠିନେ ବାଜିଉଠଲା ମାନ୍ଦଲର ତାଳ ଆର୍ ରସରକେଲିର ସୁର । ନୂଆଁଖାଇ ଖାଲି ଗୁଟେ ପରବ ନୁହେଁ, ଇଟା ହଉଛେ ଭାଇ-ଦାଇ, କକା-ବବା ତଥା ସମାଜକେ ଗୁଟେ ସୁତାନେ ବାନ୍ଧି, ଜୁନହାଁ ରାଗ-ରୁଷା, ହିଁସା, ଅହଁକାର, ଭେଦଭାବ ଭୁଲି ନୂଆଁ ରୂପେ ଆଦର, ପ୍ରେମ ଆର୍ ଭାଇଚାରା ଫଏଲାବାର୍ ପଶ୍ଚିମ ଓଡ଼ିଶାର ଗୁଟେ ସୁନ୍ଦର ପରମ୍ପରା ।

ଇଂ. ନିତ୍ୟାନନ୍ଦ ଜୁଏଡ
ଲୋଇସିଂହା, ବଲାଙ୍ଗୀର
ମୋ-୭୦୦୮ ୬୯୮୪୪୯

# ସମ୍ବଲପୁରରେ ନୂଆଁ ଖାଇବେ ଧର୍ମେନ୍ଦ୍ର

**ସମ୍ବଲପୁର, ୧୪।୯ (ସମିସ):** ସମ୍ବଲପୁରରେ ନୂଆଁଖାଇ ପାଳନ କରିବେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ସନ୍ଧ୍ୟାରେ ସେ ସମ୍ବଲପୁରରେ ପହଞ୍ଚିଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ ସାଂସଦ ଶ୍ରୀ ପ୍ରଧାନ ୧୫ ତାରିଖ ସକାଳେ ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ବାସଭବନରେ ତାଙ୍କ ପରିବାର ସହିତ ନୂଆଁ ଖାଇବେ । ଏହାପରେ ମଧ୍ୟାହ୍ନରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବେ । ତା’ପରେ ନୂଆଁଖାଇ ପାଇଁ ବାହାର ରାଜ୍ୟରୁ ଆସିଥିବା ଅତିଥିଙ୍କ ସହ ସେଠାରେ ନବାନ୍ନ ପ୍ରସାଦ ସେବନ କରିବେ ଓ ପରେ ଅତିଥି ମାନଙ୍କ ସହିତ ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ପର୍ଯ୍ୟଟନ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ସାନ୍ଧ୍ୟରେ ମାରୱାଡି ଯୁବା ମଞ୍ଚ, ଓଡ଼ିଶା ସାଂସ୍କୃତିକ ସମାଜ, ଚିତ୍ରୋତ୍ପଳା ଯୁବକ ସଂଘ ଓ ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଗୁଡ଼ିକରେ ଯୋଗ ଦେବେ । ୧୬ ତାରିଖ ପୂର୍ବାହ୍ନରେ କୁଚିଣ୍ଡା ଗସ୍ତରେ ଯାଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ମା’ଙ୍କ ଗଙ୍ଗା ଶ୍ରାଦ୍ଧ କାର୍ଯ୍ୟରେ ଯୋଗ ଦେବେ । ସେଠାରୁ ଦେବଗଡ଼ ଗସ୍ତରେ ଯାଇ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟି (ଦିଶା) ବୈଠକରେ ସାମିଲ ହେବେ ।

# କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୪।୯ (ସମିସ):** ବୁର୍ଲା ଥାନା ପୁଲିସ ବେଆଇନ କଫସିରପ କାରବାରରେ ବୁର୍ଲା ଥାନା ମେଡିକାଲ କଲୋନୀର ଭୋଲେଶ୍ୱର ଓରଫ ଭୋଲା ରାଣା(୨୯)କୁ ଗିରଫ କରିଛି । ତା ନିକଟରୁ ୩୮ ବୋତଲ କଫସିରଫ ସହ ଅନ୍ୟାନ ସାମଗ୍ରୀ ଉଦ୍ଧାର କରିଛି ।







# ବର୍ଷକର ଭତ୍ତା ଟଙ୍କାରେ ନୂଆଁଖାଇ ଭେଟିଦେଲେ ସମିତି ସଭ୍ୟ

**ସମ୍ବଲପୁର, ୧୪।୯ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୁମୁରାରେ ଜନପ୍ରତିନିଧି ଭାବେ ସେବା କାର୍ଯ୍ୟରେ ନିଜକୁ ବ୍ରତୀ କରିବାର ଏକ ଅନନ୍ୟ ଉଦାହରଣ ସୃଷ୍ଟି ହୋଇଛି । ପଶ୍ଚିମ ଓଡ଼ିଶାର ପ୍ରମୁଖ କୃଷିଭିତ୍ତିକ ଗଣପର୍ବ ‘ନୂଆଁଖାଇ’ ପରିବାର ଓ ସମ୍ପର୍କୀୟଙ୍କୁ ଏକାଠି ହେବା ସହ ଖୁସି ବାଣ୍ଟିବାର ସୁଯୋଗ ଦେଇଥାଏ । ଏହି ପର୍ବ ପାଇଁ ଲୋକେ ନୂଆ ଲୁଗାପଟା, ପନିପରିବା ଓ ବିଭିନ୍ନ କିରାନା ସାମଗ୍ରୀ କିଣିଥାନ୍ତି । ତେବେ କେତେକ ପରିବାରଙ୍କ ପାଇଁ ଏହି ଖୁସି ସବୁବେଳେ ସହଜ ହୋଇ ନ ଥାଏ । ନିଜ ପଞ୍ଚାୟତର ପରିବାର ସଦସ୍ୟ ହୋଇ ହୋଇ ତାଙ୍କ ସହ ନୂଆଁଖାଇର ଖୁସି ବାଣ୍ଟିବା ପାଇଁ ଯୁଯୁମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ଶ୍ରୀ ପ୍ରଧାନ ନିଜର ବର୍ଷକର ସମିତି ସଭ୍ୟ ଭତ୍ତା ରାଶି ପ୍ରାୟ ୧ ଲକ୍ଷ ୮ ହଜାର ଟଙ୍କା ଖର୍ଚ୍ଚ କରି ଯୁଯୁମୁରା ପଞ୍ଚାୟତର ୧୦୮ଟି ଗରିବ ପରିବାର ପାଇଁ ନୂଆଁଖାଇ ସହାୟତା ପ୍ୟାକେଟ ପ୍ରସ୍ତୁତ କରିଥିଲେ । ଯୁଯୁମୁରା ଆରଏମସି ପ୍ରାଙ୍ଗଣରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ସହାୟତା ପ୍ୟାକେଟ ପ୍ରଦାନ କରାଯାଇଛି । ଏହି ପ୍ୟାକେଟରେ ଶାଢ଼ୀ, ଗାମୁଛା, ଚାଉଳ, ଚିନି, ଅଟାସମେତ ଅନ୍ୟାନ୍ୟ ଆବଶ୍ୟକୀୟ କିରାନା ସାମଗ୍ରୀ ରହିଥିଲା । ନୂଆଁଖାଇ ପୂର୍ବରୁ ଏହି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପାଇ ପରିବାରଗୁଡ଼ିକ ଅତ୍ୟନ୍ତ ଖୁସି ପ୍ରକାଶ କରିବା ସହ ଉପକୃତ ହୋଇଛନ୍ତି । ନିଜର ବର୍ଷକର ଭତ୍ତା ଟଙ୍କାକୁ ସାଧାରଣ ଲୋକଙ୍କ ସେବାରେ ଲଗାଇଥିବା ପ୍ରଧାନଙ୍କ ଏହି ମହତ କାର୍ଯ୍ୟକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ଏହି ଅବସରରେ ସମିତି ସଭ୍ୟ ଶ୍ରୀ ପ୍ରଧାନ କହିଛନ୍ତି ଯେ, ‘ପଞ୍ଚାୟତବାସୀଙ୍କ ମତଦାନ ଯୋଗୁଁ ହିଁ ମୁଁ ସମିତି ସଭ୍ୟ ହୋଇପାରିଛି । ତେଣୁ ମୋର ଏକ ବର୍ଷର ଭତ୍ତା ଟଙ୍କା ମଧ୍ୟ ସେମାନଙ୍କର । ନୂଆଁଖାଇ ସମୟରେ ଏହି ଭତ୍ତା ଟଙ୍କାରେ ମୁଁ ପରିବାରର ଦାୟିତ୍ୱ ନେଇଛି । ଜଣେ ଜନପ୍ରତିନିଧି ନୁହେଁ, ବରଂ ପରିବାରର ପୁଅ ଓ ଭାଇ ଭଳି ନିଜର ଦାୟିତ୍ୱ ବହନ କରିଛି । ସାଧାରଣ ଲୋକଙ୍କ ସେବା ସେମାନଙ୍କ ଅଧିକାର ଓ ମୋର ଦାୟିତ୍ୱ ଅଟେ । ସେମାନଙ୍କ ଆଶୀର୍ବାଦ ଆମ ପରିବାର ପାଇଁ ବରଦାନ ସଦୃଶ ହେବ । ’ଏହି ଅବସରରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, ଲିପିଣ୍ଡା । ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଅରୁଣ ଦେହୁରୀ, ଜଗଦୀଶ ପ୍ରଧାନ, ପୂର୍ବତନ ସରପଞ୍ଚ ବେଦବ୍ୟାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# ନାବାଳିକାଙ୍କୁ ବ୍ଲାକମେଲିଂ ଅଭିଯୋଗରେ ଜଣେ ଗିରଫ




**ସମ୍ବଲପୁର, ୧୪।୯ (ସମିସ):** ଜଣେ ୧୫ ବର୍ଷିଆ ନାବାଳିକାଙ୍କୁ ବ୍ଲାକମେଲିଂ କରୁଥିବା ଅଭିଯୋଗରେ ସମ୍ବଲପୁର ସାଇବର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଉଛି ବିହାରର ବାସିନ୍ଦା ତଥା ରାଜସ୍ଥାନ ନିବାସୀ ରମେଶ କୁମାର(୨୧) । ସୂଚନା ଅନୁସାରେ ସ୍ନାପଚାଟରେ ଅଭିଯୁକ୍ତ ନାବାଳିକାଙ୍କ ସଂସ୍ପର୍ଶରେ ଆସିଥିଲା । ନାବାଳିକାଙ୍କ ବିଶ୍ୱାସ ଜିତିବା ପରେ, ସେ ତାଙ୍କୁ ଭିଡିଓ କଲ୍‌କୁ ଆସିବା ପାଇଁ ପ୍ରଲୋଭିତ କରିଥିଲେ । ନାବାଳିକାଙ୍କର ଅଶ୍ଳୀଳ ଭିଡିଓ ରେକର୍ଡ କରି ଭାଇରାଲ୍ କରିଦେବା ଭୟ ଦେଖାଇ ଟଙ୍କା ମାଗୁଥିଲେ । ଥାନାରେ ଅଭିଯୋଗ ପରେ ପୁଲିସ ଟିମ ଅଭିଯୁକ୍ତକୁ ଗିରଫ କରିଛି । ତା ନିକଟରୁ ମୋବାଇଲ, ସିମ କାର୍ଡ ଓ ଅନ୍ୟାନ ତଥ୍ୟ ଜବତ କରିଛି ।












## ଆଜି ଗଣପର୍ବ ନୂଆଁଖାଇ

# ସୃଷ୍ଟିକର୍ତ୍ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନର ନିଦର୍ଶନ ହିଁ ନୂଆଁଖାଇ

**ଭବାନୀପାଟଣା, ୧୪।୯ (ସମିସ)**

ପାର୍ବତ୍ୟାଞ୍ଚଳର ମନୋଜ୍ଞ ଦୃଶ୍ୟ, ନଦୀ ଓ ଝରଣାର କୁଳୁ କୁଳୁ ଶବ୍ଦ, ନୀଳ ଆକାଶର ମେଘମାଳା, କ୍ଷେତରେ ଧାନ ଫସଲର ହସ। ପ୍ରକୃତି କୋଳର ଭିନ୍ନଭିନ୍ନ ସୁନ୍ଦରତାର ରୂପ ଭିତରେ ପାଳିତ ହୁଏ ମହାନ୍ ଗଣପର୍ବ ନୂଆଁଖାଇ। କଳାହାଣ୍ଡିରେ ଏବେ ଗ୍ରାମାଞ୍ଚଳରୁ ଆରମ୍ଭକରି ସହର ସବୁଠି ଭିଡ଼। କିଏ ପୂଜା ସାମଗ୍ରୀ, ମାଟି ହାଣ୍ଡି, କୁରେଇ ପତ୍ର



ଦନା କିଣିବାରେ ବ୍ୟସ୍ତ ତ କିଏ କିଏ ପରିବାର ସଦସ୍ୟଙ୍କ ପାଇଁ ନୂଆବସ୍ତ୍ର କିଣାରେ ଦୋକାନରେ ଭିଡ଼ ଜମାଇଛନ୍ତି। ନୂଆ ଚୂଡା ଓ ଧାନ ନୂଆଁଖାଇ ପୂଜାରେ ମୁଖ୍ୟ। ସକାଳର ବଜାର ହେଉ କି ସନ୍ଧ୍ୟାର ଝିଲମିଲ ଆଲୁଅରେ ଶହଶହ ପରିବାର ମାର୍କେଟ କରି ମଜା ନେଉଥିବାର ଦୃଶ୍ୟ ଅତ୍ୟନ୍ତ ନିଆରା। ପଶ୍ଚିମ ଓଡ଼ିଶାରେ ପ୍ରକୃତି, ଭାବ, ଭକ୍ତି ଓ ଶ୍ରଦ୍ଧାର ଏହି ଗଣପର୍ବ ନୂଆଁଖାଇ ତାର ସ୍ୱତନ୍ତ୍ରତା ବଜାୟ ରଖି ଆସିଛି। ପରମ୍ପରା ଅନୁସାରେ ଯେତେବେଳେ କୃଷକ ପ୍ରଥମ ଫସଲ ଉତ୍ପାଦନ କରେ, ତାହା ପ୍ରଥମେ ଶ୍ରଦ୍ଧାର ସହ ଦେବାଦେବୀଙ୍କ ପାଖରେ ସମର୍ପଣ କରେ ଓ ପରେ ପରିବାର ସଦସ୍ୟମାନେ ଭକ୍ଷଣ କରିଥାନ୍ତି। ତେବେ କଳାହାଣ୍ଡି ଜିଲ୍ଲାରେ ନୂଆଁଖାଇ ପାଳନ ୬ଟି ପର୍ଯ୍ୟାୟରେ ପାଳନ କରାଯାଇଥାଏ। ପ୍ରଥମ ପର୍ଯ୍ୟାୟରେ କୋକସରା ବ୍ଲକରେ ବସବାସ କରୁଥିବା ମହିମା ଧର୍ମାବଲମ୍ବୀମାନେ ଶ୍ରାବଣ ପୂର୍ଣ୍ଣିମା ଦିନ ନୂଆଁଖାଇ ଥାଆନ୍ତି। ଦ୍ୱିତୀୟରେ କେସିଙ୍ଗା ବ୍ଲକ ପଥର୍ଲା, ବାହାଦୂରପଦର, ପାଲକାପଡ଼ାରେ ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ନୂଆଁ ଖାଇଥାନ୍ତି। ତୃତୀୟ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ କଳାହାଣ୍ଡି ଗ୍ରାମାଞ୍ଚଳରେ ଲୋକେ ନୂଆଁଖାଇ ପାଳନ କରନ୍ତି। ଚତୁର୍ଥ ପର୍ଯ୍ୟାୟ ନୂଆଁଖାଇ ହେଉଛି ଭାଦ୍ରବ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ନବାନ୍ନ ଭୋଗ ଅର୍ପଣ ପରେ ଭବାନୀପାଟଣା ସହର ସମେତ କଳାହାଣ୍ଡି ଗଡ଼ଜାତର ଜମିଦାରୀ ଅଞ୍ଚଳ କର୍ଲାପାଟ, ଥୁଆମୂଳ ରାମପୁର, ମହୁଲପାଟଣା, ମଦନପୁର ରାମପୁର, ଲାଞ୍ଜିଗଡ଼ରେ ମାଣିକେଶ୍ୱରୀଙ୍କ ସହିତ ନବାନ୍ନ ଭକ୍ଷଣ କରିଥାନ୍ତି। ଏହାପରେ ନାଗବଂଶୀ ରାଜପରିବାର ଆଶ୍ୱିନ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ମାଣିକେଶ୍ୱରୀଙ୍କ ଛତର ପ୍ରତ୍ୟାବର୍ତ୍ତନ ପରେ ବୁଢ଼ାରଜାଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରି ନୂଆଁ ଖାଇଥାନ୍ତି। ଏହି ପୂର୍ବ ୫ଟି ପର୍ଯ୍ୟାୟରେ ଯେଉଁମାନେ କୌଣସି କାରଣବଶତଃ ନବାନ୍ନ ଭକ୍ଷଣ କରି ପାରି ନଥାନ୍ତି, ସେମାନେ ବିଜୟା ଦଶମୀ ଦିନ ଭକ୍ଷଣ କରନ୍ତି।

ଆସନ୍ତାକାଲି ଅର୍ଥାତ୍ ୧୫ତାରିଖରେ ନୂଆଁଖାଇ ପର୍ବ। ଘରେଘରେ ମହକୁଛି ଭଳିକି ଭଳି ପିଠା ଖେଚୁଡିର ବାସ୍ନା। ନୂଆକପଡ଼ା ପରିଧାନ କରି ପୂଜା ପାଇଁ ସଜବାଜର ପ୍ରସ୍ତୁତି ଦୀର୍ଘ ଦିନରୁ ଆରମ୍ଭ ହୋଇସାରିଛି। ପଞ୍ଚମୀ ଓ ଦଶମୀ ତିଥିରେ ଦୁଇଦିନ ନାଚଗୀତରେ କମ୍ପି ଉଠିବ କଳାହାଣ୍ଡି। କଳାହାଣ୍ଡିର କିଛି ଅଞ୍ଚଳବାସୀ ପଞ୍ଚମୀରେ ନୂଆଁ ଖାଇବେ। ଗୁରୁଜନଙ୍କୁ ଭକ୍ତିଭରା ସ୍ନେହରେ ଯୋଡ ହସ୍ତରେ ଜୁହାର କରି ମୁଣ୍ଡିଆ ମାରିବେ। ବର୍ଷକୁ ଥରେ କଳାହାଣ୍ଡିବାସୀ ଏହି ଦିନକୁ ଅନାଇ ବସିଥାନ୍ତି। ଯିଏ ଯେଉଁଠି ବି ଥାଆନ୍ତି ଏହି ଦିନରେ ଆସି ପରିବାର ସହ ବସି ଏକାଠି ନୂଆଁ ଖାଇଥାନ୍ତି। ତେଣୁ ଏହାକୁ ଭାଇଚାରାର ପର୍ବ, ସମ୍ପର୍କର ପର୍ବ ଏବଂ ପ୍ରକୃତିର ପର୍ବ ମଧ୍ୟ କୁହାଯାଏ। ନୂଆ ଅନ୍ନ ଇଷ୍ଟଦେବୀ ଏବଂ ପୂର୍ବପୁରୁଷଙ୍କୁ ଅର୍ପଣ କରାଯିବା ସଙ୍ଗେସଙ୍ଗେ ଆଉ କେତେକ ସ୍ଥାନରେ ମା' ଲକ୍ଷ୍ମୀଙ୍କୁ ମଧ୍ୟ ଅର୍ପଣ କରାଯାଇଥାଏ। ଏହି ପୂଜାବିଧି ଶେଷହେବାପରେ ଘରର ମୁଖ୍ୟ ଅନ୍ୟ ସମସ୍ତଙ୍କୁ ନବାନ୍ନ ବଣ୍ଟନ କରନ୍ତି। ଭକ୍ତି ଭାବନା ଏହି ପର୍ବର ମୂଳଆଧାର। ତେଣୁ ଏହିଦିନ ଘରର କନିଷ୍ଠମାନେ ଜ୍ୟେଷ୍ଠମାନଙ୍କୁ ଜୁହାର କରନ୍ତି, ବଦଳରେ ଜ୍ୟେଷ୍ଠମାନେ ସମସ୍ତଙ୍କୁ ଆଶୀର୍ବାଦ କରିଥାନ୍ତି। ନୂଆଁଖାଇ ଭେଟଘାଟରେ ସମସ୍ତେ ଆତ୍ମ ବିଭୋର ହୋଇଉଠନ୍ତି। କେଉଁଠି ବଜାସାଲ, ଶିଙ୍ଗାରି ଓ ଘୁମୁରାର ତାଳେ ତାଳେ ନାଚିବା ତ କେଉଁଠି କବିତା ଆବୃତ୍ତି ପର୍ବରେ ଅନେକଙ୍କୁ ଖୁବ୍ଆନନ୍ଦ ଦେଇଥାଏ। ଇଷ୍ଟଦେବୀ ମା' ମାଣିକେଶ୍ୱରୀ ଆଶୀର୍ବାଦରୁ ଚାରିଆଡ଼େ ଚଳଚଞ୍ଚଳ। ନୂଆଁଖାଇ ଯେମିତି ଗୋଟିଏ ପରିବାର ଭିତରେ ପ୍ରାଣସତ୍ତାଟିଏ ବଞ୍ଚିରହି ଅମୃତର ଭାବ ବାଣ୍ଟିଥାଏ। ଈଶ୍ୱରଙ୍କ ଆଶୀର୍ବାଦ, ପ୍ରକୃତି ଓ ଭକ୍ତି ସହିତ ଆଧ୍ୟାତ୍ମିକ ସତ୍ୟ ଆଉ ବର୍ଣ୍ଣାଢ୍ୟ ପରମ୍ପରାର ସଂକେତ ହିଁ ନୂଆଁଖାଇ ବୋଲି କୁହାଯାଏ।

# ନୂଆଖାଇ ପରମ୍ପରାରେ ଅଭିଚାର ତନ୍ତ୍ର


**କୋକସରା, ୧୪।୯ (ସମିସ):** ଆଦିମ ମନୁଷ୍ୟ ସମାଜ ରୋଗ ବଇରାଗର ସ୍ରଷ୍ଟା ଭାବେ କେତେକ ଉପ ଦେବାଦେବୀମାନଙ୍କୁ ଗ୍ରହଣ କରୁଥିଲା ଓ ମନୁଷ୍ୟ ତଥା ଗୃହପାଳିତ ପଶୁପକ୍ଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ଅଭିଚାର ତନ୍ତ୍ରଧାରାରେ ଉପାସିତ ଦେବାଦେବୀମାନଙ୍କ ଶରଣ ନେଉଥିଲା। 'ଅଭିଚାର' ହେଉଛି ଆଦିମ ଭାରତର ପ୍ରାଚୀନତମ ତନ୍ତ୍ର ଧାରା। ଅଭିଚାର ତନ୍ତ୍ର ଧାରାର ଏକ କ୍ଷୀଣ ସ୍ରୋତ ଆଜିବି କଳାହାଣ୍ଡିରେ ବଞ୍ଚି ରହିଛି ଯାହା ମହାପାର୍ବଣ ନୂଆଖାଇର କିଛି ଦିନ ପୂର୍ବରୁ ଆୟୋଜିତ ହେଉଥିବା ରୁଗୀ ଯୁଗୀ ବା ବୋହୋଲେନ ଏବଂ ପନା ପାଏନ ଢଳା ରିତି ମାଧ୍ୟମରେ ସ୍ପଷ୍ଟ ପ୍ରତିଫଳନ ହୁଏ। କୃଷକ ଏହି ଅନୁଷ୍ଠାନ ମାଧ୍ୟମରେ ଦେବାଦେବୀମାନଙ୍କ ପାଖରେ କୃତଜ୍ଞ ରହିଥାଏ। ନୂଆଖାଇ ସହ ଏହି ପରମ୍ପରାର ଅଭିନ୍ନ ସମ୍ପର୍କ ଥିବାରୁ ଗ୍ରାମବାସୀ ଏହାକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଥାନ୍ତି। ଗ୍ରାମରୁ ରୋଗ ବଇରାଗ ଦୂରକରି ସମସ୍ତେ ସୁସ୍ଥ ସବଳହୋଇ ନବାନ୍ନଭକ୍ଷଣ କରିବାର ମାନସିକତା ନେଇ ଆଦିମ ଆଦିବାସୀ ସମାଜ ରୁଗୀବଲା ଓ ପନା ପାଏନ ଢଳା ବିଧାନ ଆରମ୍ଭ କରିଥିଲା। ରୁଗୀବଲା ଦିନ ଗ୍ରାମର ସମସ୍ତ ପରିବାର ଖପରରେ ଜଳନ୍ତା ଅଙ୍ଗାର ରଖି ତା' ଉପରେ ଝୁଣା ପକାଇ ଘରୁ ଗ୍ରାମର ମଧ୍ୟସ୍ଥଳକୁ ଆଣିଥାନ୍ତି। ଏଥିସହ କିଛି ଫୁଲାଲିଆ (ଖଇ) ଓ ଭାତିଆ (ଚାଉଳ, ଡାଲି, ପନିପରିବା, ପଇସା) ଆଦି ଆଣିଥାନ୍ତି। ଗ୍ରାମର ସମସ୍ତ ପରିବାର ଏସବୁ ଦ୍ରବ୍ୟ ଆଣି ଏକାଠି ଠୁଳ କରିବା ପରେ ଜାନୀ, ଝାଙ୍କର ଅଭିଚାର ତନ୍ତ୍ର ମତରେ ପୂଜାପାଠ କରିଥାନ୍ତି। ଏହାପରେ ଗଣା ରୁଗୀବଲା ସାମଗ୍ରୀଧରି ଖଇ ବିଞ୍ଚି ବିଞ୍ଚି ଗ୍ରାମରୁ ଦୁଷ୍ଟ ଶକ୍ତି ବାହାରି ଯିବାକୁ ନିର୍ଦ୍ଦେଶ କରିଥାନ୍ତି। ସେମାନେ ଗ୍ରାମ ଶେଷମୁଣ୍ଡରେ ରୁଗିବଲା ସାମଗ୍ରୀସବୁ



ରଖି ଗ୍ରାମ ଦେବାଦେବୀ ଯଥା- ଡୁକ୍ରୀବୁଡି, ଗଙ୍ଗାଦି, ଦୁଲା, ବସ୍ତରେନ୍, ମାଏଲି, ବୁଡାରଜା, ଜେନାବୁଡା, ଗବ୍ଡା, ଭୀମା, ଭୈରବ, ଡଙ୍ଗରବୁଡା, ବାରମୁନୀ, ଦୁଆରସୁନୀ, କୋକଡେନ୍, ପାହାଡେନ୍ ଆଦି ଅନେକ ଦେବାଦେବୀଙ୍କ ପାଖରେ ଗ୍ରାମରୁ ରୋଗ ବଇରାଗ ହଟାଇବା ପାଇଁ ପ୍ରାର୍ଥନା କରନ୍ତି ଓ ରୁଗୀଯୁଗୀ ବଲାର ଅନ୍ତିମ ପର୍ଯ୍ୟାୟରେ ସମସ୍ତ ଦେବାଦେବୀମାନଙ୍କୁ ମଦ୍ୟ ଅର୍ପଣ ଓ କୁକୁଡ଼ା ବଳିଦେଇ ପନା ପାଏନ୍ ଢାଳିଥାନ୍ତି। ଏହି ପରମ୍ପରା ମାଧ୍ୟମରେ ଆଦିମ ଆଦିବାସୀ ସମାଜ ପିତୃପୁରୁଷ ତତ୍ତ୍ୱ ଓ ଧରଣୀତତ୍ତ୍ୱରୁ ବିବର୍ତ୍ତିତ ଦେବାଦେବୀଙ୍କୁ ଶାନ୍ତି କରିବାର ମାନସିକତା ନେଇ ପରୋକ୍ଷରେ ପିତୃପୁରୁଷ ଓ ଅଦୃଶ୍ୟ ଶକ୍ତିଙ୍କଠାରେ ସମର୍ପଣ ଭାବ ଦେଖାଇଥାନ୍ତି।





























# ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ହେଲେ ଶେଖ୍ ମୁନାୱାର

**ଭବାନୀପାଟଣା, ୧୪।୯(ସମିସ):** ବିଜେଡି ରାଜ୍ୟ ସଂଖ୍ୟାଲଘୁ ସେଲ୍ ଗଠିତ ହୋଇଛି। ବିଜେଡ଼ି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ସଂଖ୍ୟାଲଘୁ ସେଲ୍ ସଭାପତି ନିଜର ରାଜ୍ୟ କମିଟି ଘୋଷଣା କରିଛନ୍ତି। ଏଥିରେ ରାଜ୍ୟ ସମ୍ପାଦକ ଭାବେ କଳାହାଣ୍ଡିରୁ ଶେଖ୍ ମୁନାୱାର ମନୋନୀତ ହୋଇଛନ୍ତି। ପୂର୍ବତନ ଗୃହମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ସହପାଠୀ ଶେଖ୍ ମୁନାୱାର ପେସାରେ ଜଣେ ଦକ୍ଷ ମାର୍ଶଲ ଆର୍ଟ ଖେଳରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ରାଜ୍ୟ ସମ୍ପାଦକ ନିଯୁକ୍ତି ପରେ ଶେଖ୍ ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ଦିଶାରୀ, ଜିଲ୍ଲାର ବରିଷ୍ଠ ନେତୃମଣ୍ଡଳୀ ଏବଂ ରାଜ୍ୟ ମୁଖିଆ ନବୀନ ପଟ୍ଟନାୟକଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରିବା ସହିତ ଦଳକୁ ତୃଣମୂଳସ୍ତରରେ ମଜଭୁତ୍ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବି ବୋଲି ମତବ୍ୟକ୍ତ କରିଛନ୍ତି।



# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ

**କୋକସରା, ୧୪।୯(ସମିସ):** ୨୬ ନମ୍ବର ଜାତୀୟ ରାଜପଥ କୋକସରା ଥାନା ଅଧୀନ ଡଙ୍ଗରିଗୁଡା-ରେଙ୍ଗାଲପାଲି ରାସ୍ତା ମଝିରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ କୋକସରା ବଡ଼ପଡ଼ାର ଧନୁର୍ଯ୍ୟ ଖମାରୀଙ୍କ ପୁଅ ମୁରଲୀ ଖମାରୀ(୨୬) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ସକାଳେ ଯୁବକଙ୍କ ମୃତଦେହ ରାସ୍ତା କଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କୋକସରା ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି କୋକସରା ଡାକ୍ତରଖାନାକୁ ପଠାଇଥିଲା। ପ୍ରାରମ୍ଭରେ ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ପରେ ପରିବାର ପକ୍ଷରୁ ଶବ୍ ଚିହ୍ନଟ କରାଯାଇଥିଲା। ପୁଲିସ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କୋକସରା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଜମି ଚୋରି ମାମଲା; ଗିରଫ ସଂଖ୍ୟା ୭କୁ ବୃଦ୍ଧି

**କୋମନା, ୧୪।୯(ସମିସ):** ନୂଆପଡ଼ା ଜିଲ୍ଲା କୋମନା ତହସିଲ ଅଧୀନ ଚାନ୍ଦୋପଲା ଗାଁର ୪ ଏକର ୪୦ ଡିସିମିଲ ଜମି ଚୋରି ମାମଲାରେ କୋମନା ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଆଉ ୨ ଜଣଙ୍କୁ ଗିରଫ କରିଛି। ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗତକାଲି ରାତିରେ ମାଷ୍ଟରମାଇଣ୍ଡ ସନ୍ତୋଷ କୁମାର ଦୁରିଆକୁ ନିଜ ଗାଁ ପେଣ୍ଡରାବନରୁ ଗିରଫ କରାଯାଇ ଥିବାବେଳେ ଅନ୍ୟଦୁଇ ଜଣ ଜମି ଦଲାଲ ବୋଡ଼େନ ଥାନା କରଙ୍ଗାମାଲ ଗାଁର ରାମଲାଲ ପଣ୍ଡା, ଯିଏ କି ଏକ ଘରୋଇ କଲେଜର ପରିଚାଳନା କମିଟିର ସଭାପତି ତଥା କରଙ୍ଗାମାଲ ପଞ୍ଚାୟତର ସରପଞ୍ଚ ଅଛନ୍ତି, ତାଙ୍କୁ ଆଉ ତାଙ୍କ ସହଯୋଗୀ ଜୟସନ୍ ବାଗଙ୍କୁ ଏକ କାର୍ ସହ ତିଖାଲି ଛକରୁ ଗିରଫ କରାଯାଇଥିଲା। ଆଜି ୩ ଜଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଶ୍ରୀବଲ୍ଲଭ ସାହୁ ସୂଚନା ଦେଇଛନ୍ତି।





























































## ୟୁଏସ୍ ଓପନ୍‌ରେ ଆମେରିକାର ଆଶା ଧୂଳିସାତ୍

# ଶେଲ୍‌ଟନ୍‌ଙ୍କୁ ହରାଇ ଜ୍ୱେରେଭ୍ ଚାମ୍ପିଅନ




ନ୍ୟୁୟର୍କ,୧୪।୯ (ଏଜେନ୍ସି): ବିଶ୍ୱର ନଂ-୨ ତଥା ଟୁର୍ଣ୍ଣାମେଣ୍ଟର ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ୟୁଏସ୍ ଓପନ ୨୦୨୬ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ୍ସ ଟେନିସ ଚାମ୍ପିଅନ ହୋଇଛନ୍ତି। ଏହା ଫଳରେ ୨୦୦୩ ପରେ ଆମେରିକା ଘରୋଇ ମାଟିରେ ଟାଇଟଲ ଜିତିବ ବୋଲି ଯେଉଁ ଆଶା ବାନ୍ଧିଥିଲା ତାହା ଧୂଳିସାତ ହୋଇଯାଇଛି। ଏହି ବର୍ଷ ଆଣ୍ଡି ରଡ୍ଡିକ୍ ଆମେରିକାର ଶେଷ ଖେଳାଳି ଭାବେ ୟୁଏସ୍ ଓପନ ଜିତିଥିଲେ। ରବିବାର ରାତିରେ ଖେଳାଯାଇଥିବା ଫାଇନାଲରେ ଜ୍ୱେରେଭ୍ ୬-୩, ୭-୬, ୫-୭, ୬-୨ ସେଟ୍‌ରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରି ଟ୍ରଫି ଜିତିନେଇଥିଲେ। ଏହି ମୁକାବିଲାଟି ଦୀର୍ଘ ସାଢ଼େ ୩ ଘଣ୍ଟା ଧରି ଚାଲିଥିଲା। ୬ ବର୍ଷ ପୂର୍ବେ ଜ୍ୱେରେଭ୍ ଏଠାରେ ଟାଇଟଲ ଜିତିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଫାଇନାଲରେ ଡୋମିନିକ୍ ଥିଏମ୍ ଧୂଳିସାତ କରିଦେଇଥିଲେ। ୬ବର୍ଷ ପରେ ଜ୍ୱେରେଭ ୟୁଏସ୍ ଓପନ ଚାମ୍ପିଅନ ହେବା ସହ ସ୍ୱପ୍ନ ପୂରଣ କରିଛନ୍ତି।

ଘରୋଇ ମାଟିରେ ଖେଳୁଥିବା ବେନ୍ ଶେଲଟନ ପ୍ରଥମ ଦୁଇଟି ସେଟ୍‌ରେ ହାରିଯିବା ପରେ ହୋସ୍ ହରାଇ ନ ଥିଲେ। ସମର୍ଥକଙ୍କ ସମର୍ଥନ ପାଇ ବେଶ ଉତ୍ସାହର ସହ ମୁକାବିଲା କରିଥିଲେ। ଯାହା ଫଳରେ ଦ୍ୱାଦଶ ଗେମ୍‌ରେ ପଶା ପାଲଟିଯାଇଥିଲା। ତୃତୀୟ ସେଟ୍‌କୁ ସେ ୭-୫ରେ ଜିତିନେଇଥିଲେ। ଏହାକୁ ବରଦାସ୍ତ କରି ପାରି ନ ଥିଲେ। ଚତୁର୍ଥ ସେଟ୍‌ର ପ୍ରଥମ ଓ ସପ୍ତମ ଗେମ୍‌ରେ ବ୍ରେକ୍ ପାଇଥିଲେ ଜ୍ୱେରେଭ୍। ଯାହା ଫଳରେ ଶେଲଟନ ଆଉ ମ୍ୟାଚ୍‌କୁ ଫେରିପାରି ନ ଥିଲେ। ଜ୍ୱେରେଭ ଚତୁର୍ଥ ସେଟ୍‌କୁ ୬-୨ରେ ଜିତିବା ସହ ମ୍ୟାଚ୍‌କୁ ୩-୧ରେ ଜିତି ଚାମ୍ପିଅନ ହେବା ସହ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିଲେ।

● ଟେଷ୍ଟ ମ୍ୟାଚ୍‌ରେ ସ୍ଲୋ ଓଭରରେଟ୍

## ପାକିସ୍ତାନର ୫୦ ପ୍ରତିଶତ ମ୍ୟାଚ୍ ଫି’; ୧୧ ପଏଣ୍ଟ କଟିଲା

ଦୁବାଇ,୧୪।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଶେଷ ଟେଷ୍ଟରେ ପରାଜିତ ପାକିସ୍ତାନକୁ ନିର୍ଦ୍ଧାରିତ ସମୟରେ ଓଭର ରେଟ ବୋଲିଂ କରିପାରି ନ ଥିବାରୁ ଆଇସିସି ଦଣ୍ଡିତ କରିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ନିର୍ଦ୍ଧାରିତ ସମୟରେ ୧୧ ଓଭର କମ୍ ବୋଲିଂ କରିଥିଲା। ଫଳରେ ଏହାର ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ୧୧ ପଏଣ୍ଟ ଓ ସର୍ବାଧିକ ୫୦ ପ୍ରତିଶତ ମ୍ୟାଚ୍ ଫି କାଟି ନିଆଯାଇଛି। ଇଂଲଣ୍ଡ ନିକଟରୁ ପାକିସ୍ତାନ ୩-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ୯ମ ସ୍ଥାନକୁ ଖସି ଆସିଛି।




## ଭାରତରେ ଚାମ୍ପିଅନ୍ସ ଟ୍ରଫି ହକି ଖେଳିବ ପାକିସ୍ତାନ

ଚଣ୍ଡିଗଡ଼,୧୪।୯ (ଏଜେନ୍ସି): ପଡୋଶୀ ପାକିସ୍ତାନ ଓ ଆୟୋଜକ ଭାରତ ସମେତ ୬ଟି ଦେଶକୁ ନେଇ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ପଞ୍ଜାବର ମୋହାଲିରେ ଅକ୍ଟୋବର ୨୭ରୁ ନଭେମ୍ବର ୫ ମଧ୍ୟରେ ଖେଳାଯିବ। ଏଥିରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ସିଂହ ମାନ୍ ଆଜି ଘୋଷଣା କରିଛନ୍ତି। ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ହେଲେ ଚୀନ୍, ଜାପାନ, ମାଲେସିଆ ଓ ଦକ୍ଷିଣ କୋରିଆ। ୨ଟି ରିଜର୍ଭ ଦଳ ଓମାନ ଓ ବାଂଲାଦେଶକୁ ରଖାଯାଇଛି। ପାକିସ୍ତାନ ଓ ଭାରତ ମଧ୍ୟରେ ନଭେମ୍ବର ୧ରେ ମ୍ୟାଚ ଖେଳାଯିବ। ଭାରତ ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲା। ଫାଇନାଲ ନଭେମ୍ବର ୩ରୁ ୫ ଯାଏ ମୋହାଲିରେ ଖେଳାଯିବ।

## ଆର୍ଚରୀ ୱାର୍ଲ୍ଡକପ୍: ଧୀରଜଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଭାରତର ପ୍ରଥମ ଆର୍ଚର ଧୀରଜ ବୋମାଦେବରା ମେକ୍ସିକୋର ସାଲଟିଲୋଠାରେ ଚାଲିଥିବା ଆର୍ଚରୀ ୱାର୍ଲ୍ଡ କପ୍‌ର ପୁରୁଷ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଫାଇନାଲରେ ଜାପାନର ନାକାନିଶି ଜୁନିୟାଙ୍କୁ ପରାସ୍ତ କରିଥିଲେ। ଏହା ସହ ଦୀର୍ଘ ୧୬ ବର୍ଷ ପରେ ରିକର୍ଭ ଇଭେଣ୍ଟରେ ଭାରତକୁ ୱାର୍ଲ୍ଡକପ୍ ମେଡାଲ ମିଳିଥିଲା।

● ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

## ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଆୟୋଜକ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ। ସମାନ ଅରୁଣ ଜେଟଲୀ ଷ୍ଟାଡିୟମରେ ରବିବାର ରାତିରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଓପନର୍ ଅଭିଷେକ ଶର୍ମା ୩୨ ବଲରେ ୮୨ ରନର ବିଧ୍ୱଂସୀ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଘରୋଇ ଭାରତ ଏହି ବିଜୟଧାରାକୁ ବଜାୟ ରଖି ସିରିଜକୁ ଆଗୁଆ କବଜା କରିବା ଲକ୍ଷ୍ୟରେ ରହିଛି। ତେବେ ପଞ୍ଚମ ବୋଲର ସମସ୍ୟା ଭାରତ ପାଇଁ

**ମ୍ୟାଚ ଆରମ୍ଭ: ରାତି ୭ଟା ୩୦**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

ଚିନ୍ତାର କାରଣ ରହିଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ ରେଡ୍ଡୀ, ଶିବମ ଦୁବେ ଓ ଅଭିଷେକ କାମଚଳା ବୋଲିଂ କରୁଥିଲେ ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହେଇପାରୁନାହାନ୍ତି। ପ୍ରଥମ ଟି-୨୦ରେ ଏହି ୩ଜଣ ବୋଲର ମିଳିତ ଭାବରେ ୪ ଓଭର ବୋଲିଂ କରି ୫୯ ରନ ପ୍ରଦାନ କରି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଅପରପକ୍ଷରେ ଭାରତରେ ସିରିଜ ଆୟୋଜନ କରୁଥିବା ଆଫଗାନିସ୍ତାନ ପାଇଁ ଦ୍ୱିତୀୟ ଟି-୨୦ ‘କର ବା ମର’ ସ୍ଥିତି ସୃଷ୍ଟି କରିଛି। ୧-୦ରେ ପଛୁଆ ରହିଥିବା ଆଫଗାନିସ୍ତାନ ଦଳ ମଙ୍ଗଳବାର ମ୍ୟାଚ ହାରିଲେ ସିରିଜ ମଧ୍ୟ ହାତଛଡ଼ା କରିବ।

### ବରୁଣ ଆଉଟ୍

ଆଫଗାନିସ୍ତାନ ବିପକ୍ଷ ଶେଷ ଦୁଇଟି ଟି-୨୦ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳକୁ ବଡ଼ ଝଟକା ଲାଗିଛି। ଷ୍ଟାର ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଘାତଜନିତ ସମସ୍ୟା ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ଏପରିକି ସେ ଆଗାମୀ ଏସୀୟ କ୍ରୀଡ଼ାରୁ ମଧ୍ୟ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଟି-୨୦ରେ ବରୁଣ ୪ ଓଭରରେ ୧୬ ରନ ବ୍ୟୟରେ ଗୋଟିଏ ୱିକେଟ ନେଇଥିଲେ। ବରୁଣଙ୍କ ଆଘାତ ସମସ୍ୟା ନେଇ ବିସିସିଆଇ ପକ୍ଷରୁ ଅଧିକ ଅପଡେଟ ଦିଆଯାଇନାହିଁ।

## ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର: ପ୍ରି-କ୍ୱାର୍ଟରରେ ଚନ୍ଦ୍ର

ଭୁବନେଶ୍ୱର, ୧୪।୯ (ସମିସ): କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ରେ ଚନ୍ଦ୍ର ମହାନ୍ତି, ପାରସ ରାଉତରାୟ, ଆର୍ଯ୍ୟନ ପ୍ରଧାନ, ବିଶେଷ ସିଂଘଲ, ସନ୍ଦୀପ ଅଗ୍ରୱାଲ, ସିଦ୍ଧାର୍ଥ ସେନ୍ ଏବଂ ପ୍ରିୟ ଗୋବିନ୍ଦ ମହାପାତ୍ର ବିଜୟ ହାସଲ କରିଛନ୍ତି। ଚନ୍ଦ୍ର, ଆର୍ଯ୍ୟନ ଓ ସିଦ୍ଧାର୍ଥ ଚମତ୍କାର ପ୍ରଦର୍ଶନ କରି ନିଜ ନିଜ ମ୍ୟାଚ୍‌କୁ ୩-୦ ଫ୍ରେମ୍‌ରେ କ୍ଲିନ୍ ସ୍ୱିପ୍ କରିଥିଲେ। ଚନ୍ଦ୍ର ମହାନ୍ତି ଦୁଇଟି ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରିଦ୍ଧିକ ମହାନ୍ତିଙ୍କୁ ୩-୦ରେ ଓ ପରେ ପାରସଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଥିଲେ।




# ମୋହସିନ୍ ନକ୍‌ଭି ଏସିଆ କପ୍ ‘ଟ୍ରଫି ଚୋର୍’

ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଦୁବାଇରେ ଗତକାଲି ଶେଷ ହୋଇଥିବା ମହିଳା ଏସିଆ କପ୍ ସିନିଅର କ୍ରିକେଟରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ହରାଇ ଭାରତ ୮ମଥର ଚାମ୍ପିଅନ ହୋଇଥିଲା। କିନ୍ତୁ ଭାରତ ବିରୋଧରେ କାମ କରୁଥିବା ଏସୀୟ ତଥା ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନାକରିଦେଇଥିଲେ। ଗତବର୍ଷ ମଧ୍ୟ ସମାନ ସ୍ଥିତିରେ ପୁରୁଷ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଥିବା ନକ୍‌ଭୀ ଫାଇନାଲରେ ମୁଖ୍ୟ ଅତିଥି ହେବେ ବୋଲି ଜାଣିବା ପରେ ଭାରତ ତାଙ୍କଠାରୁ ଟ୍ରଫି ଗ୍ରହଣ କରିବ ନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଆୟୋଜକଙ୍କୁ ଜଣାଇଥିଲେ। ନକ୍‌ଭୀ ଏହାକୁ ଗ୍ରହଣ କରି ନ ଥିଲେ ଓ ଶ୍ରୀଲଙ୍କାକୁ ରନର୍ସ ଅପ୍ ଟ୍ରଫି ଦିଆଯିବା ପରେ ପୁରସ୍କାର ବିତରଣ ଉତ୍ସବ ଶେଷ ହୋଇଥିଲା। ଏହା ଫଳରେ ଦ୍ୱିତୀୟବର୍ଷ ଲାଗି ନକ୍‌ଭୀଙ୍କଠାରୁ ଏସିଆନ୍ ଚାମ୍ପିଅନ ହେବା ପରେ ଟ୍ରଫି ଗ୍ରହଣ କରି ନ ଥିଲେ ଭାରତୀୟ କ୍ରିକେଟ ଦଳ। ଗତକାଲି ନକ୍‌ଭୀ ପୁରସ୍କାର ଦେବା ଲାଗି ଷ୍ଟାଡିୟମ୍‌କୁ ପ୍ରବେଶ କରିବା ପରେ ଦର୍ଶକମାନେ ଟ୍ରଫି ଚୋର, ଟ୍ରଫି ଚୋର ବୋଲି ଜୋରରେ ପାଟି କରିଥିଲେ। ନକ୍‌ଭୀ ଥରେ ସେମାନଙ୍କୁ ଦେଖିବା ପରେ ଆଉ ଅନାଇ ନ ଥିଲେ। ୨୦୨୫ରେ ପୁରୁଷ ଓ ୨୦୨୬ରେ ମହିଳା ଦଳର ଟ୍ରଫି ନେଇଯାଇଛନ୍ତି ନକ୍‌ଭୀ। ଏସିଆନ୍ କ୍ରିକେଟ କାଉନ୍ସିଲର ସଭାପତି ଥିବା ନକ୍‌ଭୀଙ୍କ କାର୍ଯ୍ୟକାଳ ୨୦୨୭ ଏପ୍ରିଲ ୨ରେ ଶେଷ ହେବ।

### ■ କ୍ରାନ୍ତି ଗୌଡ଼ ଦଣ୍ଡିତ

ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଦଣ୍ଡିତ କରାଯାଇଛି। ଶ୍ରୀଲଙ୍କା ଓପନର ଇମେଶା ଦୁଲାନି ଆଉଟ ହେବା ପରେ କ୍ରାନ୍ତି ଆଚରଣ ସଂହିତା ଉଲ୍ଲଙ୍ଘନ କରି ସେଣ୍ଡ ଅଫ୍ ଆହ୍ୱାନ କରିଥିଲେ। ଏହା ଫଳରେ ସେ ଲେଭଲ-୧ ଅପରାଧ କରିଥିଲେ ଓ ଦଣ୍ଡ ଆକାରରେ ୧୦ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଥିଲା।




## ସାମିଙ୍କ ଭାଇ କୈଫଙ୍କ ନାମରେ ଦୁଷ୍କର୍ମ ମାମଲା

ଲକ୍ଷ୍ନୌ, ୧୪।୯ (ଏଜେନ୍ସି): କ୍ରିକେଟର ମହମ୍ମଦ ଶାମିଙ୍କ ଭାଇ ମହମ୍ମଦ କୈଫଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ନୌର ଆସିଆନା ପୋଲିସ ଷ୍ଟେସନରେ ଏହି ଏଫଆଇଆର ରୁଜୁ କରାଯାଇଛି। ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ କୈଫ ତାଙ୍କୁ ୨୦୨୩ ଡିସେମ୍ବର ୯ ତାରିଖରେ କୋଲକାତାର ଏକ ହୋଟେଲରେ ଦୁଷ୍କର୍ମ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ଦାଖଲ କରିବା ପରେ କୈଫଙ୍କ ଭାଇ ହସିବ ତାଙ୍କୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୀଡିତା ଛାଡପତ୍ରପ୍ରାପ୍ତ ଏବଂ ତାଙ୍କର ଏକ ପୁଅ ରହିଛି। ଏଫଆଇଆର ଅନୁଯାୟୀ, ମହିଳା ଜଣକ ୨୦୨୦ ମସିହାରେ ଜଣେ ପାରସ୍ପରିକ ବନ୍ଧୁଙ୍କ ମାଧ୍ୟମରେ ମହମ୍ମଦ କୈଫଙ୍କୁ ଭେଟିଥିଲେ। ସେତେବେଳେ ମହିଳା ଜଣକ ଗାଜିଆବାଦର ଏକ ପ୍ରସିଦ୍ଧ ସମାଜରେ ରହୁଥିଲେ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS